## ଜଙ୍ଗଲ ଜମି ଅଧିକାର ଆଇନ ସମ୍ପର୍କିତ ଜନଶୁଣାଣି

ମହାକାଳପଡା, ୬।୯ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ସଭାଗୃହରେ ଶୁକ୍ରବାର ଜିଲାସ୍ତରୀୟ ଜଙ୍ଗଲ ଜମି ଅଧିକାର ଆଇନ୍ ସମ୍ପର୍କିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ଓ ସଂଶୋଧନ ନିୟମାବଳୀ ଅନୁସାରେ ଖାରଜ ହୋଇଥିବା ଆବେଦନ ଓ ଅପିଲ ଉପରେ ଏହି ଶିବିର ଆୟୋଜିତ ହୋଇଥିଲା। ମହାକାଳପଡା ବ୍ଲକ ବଟୀଘର ପଞ୍ଚାୟତ ଅନ୍ତର୍ଗତ ହେଟାମୁଣ୍ଡିଆ ଗ୍ରାମର ୯୧୫ ଜଣ ହିତାଧିକାରୀଙ୍କୁ ଏହି ଶିବିରରେ ଯୋଗଦେବା ଲାଗି ପୂର୍ବରୁ ନୋଟିସ ହୋଇଥିଲା। ସେମାନଙ୍କ ମଧ୍ୟରୁ କେବଳ ୪୫୭ ଜଣ ହିତାଧିକାରୀ ଏଥିରେ ଯୋଗଦେଇ ଏହି ଗ୍ରାମରେ ଦୀର୍ଘବର୍ଷ ଧରି ବସବାସ କରି ଆସୁଥିବା ଦାବି ଉପସ୍ଥାପନ କରିଥିଲେ। ହେଟାମୁଣ୍ଡିଆ ଏକ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ, ୨୦୦୫ ଡିସେମ୍ବର ୧୩ ତାରିଖ ପୂର୍ବରୁ ଯେଉଁ ପାରମ୍ପରିକ ଆଦିବାସୀ ପରିବାର କିମ୍ବା ଅନ୍ୟାନ୍ୟ ବର୍ଗର ପାରମ୍ପରିକ ବନବାସୀ ତିନି ପିଢି ଧରି ବସବାସ କରୁଥିବେ ତାର ପ୍ରମାଣ ପତ୍ର ଅବା ରସିଦ୍ ଦାଖଲ କରିବାକୁ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହି ଅବସରରେ ୪ଟି ଟେବୁଲରେ ଗ୍ରୁପର ଶୁଣାଣି କରାଯାଇ ହିତାଧିକାରୀଙ୍କଠାରୁ ପ୍ରମାଣ ପତ୍ର ଗ୍ରହଣ କରାଯାଇଥିଲା।

ଏଥିରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ, ଡିଏଫ୍ଓ ବିକାଶ ରଞ୍ଜନ ଦାଶ, ଜିଲା ମଙ୍ଗଳ ଅଧିକାରୀ କାଳିନ୍ଦୀଚରଣ ଭୋଇ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ଅତିରିକ୍ତ ତହସିଲଦାର ଅଜିତ କୁମାର ସାହୁ, ଏସିଏଫ୍ ବିଜୟ କୁମାର ପରିଡା, ରାମପଦ ଅରବିନ୍ଦ ମିଶ୍ରଙ୍କ ସମେତ ଆଳି, ରାଜନଗର, ରାଜକନିକା, ମାର୍ଶାଘାଇ, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ାର ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଜିଲାପରିଷଦ କାର୍ଯ୍ୟାଳୟ ସ୍ଥାପନ ଦାବି



କେନ୍ଦ୍ରାପଡା ଅଫିସ, ୬।୯ : କେନ୍ଦ୍ରାପଡା ଜିଲା ପରିଷଦର କିଛି ସଭ୍ୟ ୧୯ ଦଫା ଦାବି ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଦାବିପତ୍ର ପ୍ରଦାନକାରୀ ସନ୍ତୋଷ କୁମାର ଜେନା କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ଜିଲା ପରିଷଦ ସଭ୍ୟ ସର୍ବଦା ଅବହେଳାର ଶିକାର ହୋଇଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଜିଲାପରିଷଦ ସଭ୍ୟଙ୍କ ନିକଟରେ ଆର୍ଥିକ କ୍ଷମତାକୁ ସୀମିତ ରଖାଯାଇଛି। ଫଳରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାରେ ସେମାନେ ଅସମର୍ଥ ହେଉଛନ୍ତି। ଦେଶର ଅନ୍ୟ କିଛି ରାଜ୍ୟ ଭଳି ଡିଆରଡିଏକୁ ବଦଳା ଯାଇ ଜିଲା ପରିଷଦ କାର୍ଯ୍ୟାଳୟ ହେବା ଆବଶ୍ୟକ ବୋଲି ଜେନା ଦାବି କରିଥିଲେ। ଏଥିସହ ସଭ୍ୟଙ୍କ ମାସିକ ପ୍ରୋତ୍ସାହନ ରାଶି ୨୦ହଜାର ଟଙ୍କାକୁ ବୃଦ୍ଧି, ମାସିକ ପେନସନ ୧୦ହଜାର ଟଙ୍କା, ସର୍ବନିମ୍ନ ୫୦ଲକ୍ଷ ସଭ୍ୟ ଲ୍ୟାଡ ଯୋଗାଇବା ଓ ବିଭିନ୍ନ ଉନ୍ନୟନ ଯୋଜନାରେ ସଭ୍ୟା ସଭ୍ୟଙ୍କୁ ସାମିଲ କରିବା ଭଳି ୧୯ ଦାବି ଉପସ୍ଥାପନ କରାଯାଇଛି। ଏହି ଦାବିପତ୍ରରେ ସଭ୍ୟ ଦେବାଶିଷ ଦାସ, ରବୀନ୍ଦ୍ର ସେଠୀ, ନାରଦ ଚନ୍ଦ୍ର ବିଶ୍ୱାଳ, ସଭ୍ୟା ସାଗରିକା ମଲ୍ଲିକ, ପିକରାଣୀ ହୋତା, ଜବା ମୁର୍ମୁ ଓ ଅହଲ୍ୟା ଲେଙ୍କା ପ୍ରମୁଖ ଦସ୍ତଖତ କରିଛନ୍ତି।

## ରାଜ୍ୟ କ୍ରୀଡ଼ା ଛାତ୍ରାବାସ ପାଇଁ ୨୪ ମନୋନୀତ

କେନ୍ଦ୍ରାପଡ଼ା ଅଫିସ୍, ୬।୯

ଓଡ଼ିଶା ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ବିଭିନ୍ନ ଜିଲାରେ ଥିବା କ୍ରୀଡ଼ା ଛାତ୍ରାବାସରେ ନାମଲେଖା ପାଇଁ ଗତ ଅଗଷ୍ଟ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଜିଲାର ୩୬ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗୀଙ୍କ ମଧ୍ୟରୁ ମୋଟ ୨୪ ଜଣ କ୍ରୀଡ଼ା ଛାତ୍ରାବାସରେ ନାମ ଲେଖାଇବା ପାଇଁ ମନୋନିତ ହୋଇଛନ୍ତି। ଦୌଡକୁଦରେ ଜେମା ମୁଣ୍ଡା, ଚମ୍ପା ଦେଓଗ୍ରାମ, କଙ୍ଗଶିଳା ଶିଙ୍କୁ, ମଙ୍ଗଳ ସିଙ୍କୁ, ଟୁକୁଲୁ ହେମ୍ବ୍ରମ, ଦୀପୁ ପାତ୍ର, ସୁନୀତା ଟୁଡ୍ଡୁ, ତୁଳସୀ ମୁଣ୍ଡା, ଜିଙ୍ଗିଜା ମୁଣ୍ଡା, କୁନି ତଣ୍ଡଲକର, ମାଣ୍ଡୁଇ ମୁଣ୍ଡା, ରଞ୍ଜନ ପିଙ୍ଗୁଆ, କାହ୍ନୁ ବେରୁଆ କୃତୀ ପ୍ରତିଯୋଗୀ ହୋଇଛନ୍ତି। ସେହିପରି ଧନୁତୀରରେ ସାମଲ ପିଙ୍ଗୁଆ, ରସିକ ପାତ୍ର, ସନ୍ତରଣରେ ଅନିଲ ପଙ୍ଗୁଆ, ଡଲି ମୁଣ୍ଡା, ଫୁଟବଲରେ ସୁନିଲ ଦିଗି, କାମେଶ୍ୱର ମଲ୍ଲିକ, ବିଜୟ ସୋରେନ, ପପୁ ମୁର୍ମୁ, ଭଲିବଲରେ ପଙ୍କଜିନୀ ସୁତାର, ସନ୍ଦିପ କୁମାର ମଲ୍ଲିକ ଓ ରମେଶ କୁମାର ଦାସ କ୍ରୀଡ଼ା ଛାତ୍ରାବାସରେ ନାମ ଲେଖାଇ ପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଛାତ୍ରୀଛାତ୍ରଙ୍କୁ ଜିଲାପାଳ ସମର୍ଥ ବର୍ମା ଶୁଭେଚ୍ଛା ଜଣାଇଛନ୍ତି।

## ଆବାସ ଯୋଜନା ହଡ଼ପ ଅଭିଯୋଗରେ ଧାରଣା

ପାଟକୁରା, ୬।୯ (ଡି.ଏନ.ଏ.)

ଗରଦପୁର ବ୍ଲକ ଅଧୀନ ଗରଦପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ହଡ଼ପ ହୋଇଥିବା ଅଭିଯୋଗ କରି କଳାବୁଦା ଗ୍ରାମର ମିନତି ପଣ୍ଡା ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମିନତିଙ୍କ ଅଭିଯୋଗ ଅନୁସାରେ, ଗରଦପୁର ଗ୍ରାମର ଦମୟନ୍ତୀ ନାୟକ ଦୀର୍ଘ ୧୫ ବର୍ଷ ହେବ ଗରଦପୁରର ଜନୈକ ବ୍ୟକ୍ତିଙ୍କ ଘରେ ରହି କାମ କରୁଛନ୍ତି। ଦମୟନ୍ତୀଙ୍କ ନାମରେ ଘରବାଡ଼ି ପଟ୍ଟା ନ ଥିବା ବେଳେ ତାଙ୍କ ନାମରେ ଆବାସ ଯୋଜନାରେ ଗୃହ ମଞ୍ଜୁର କରାଯାଇଛି। କାର୍ଯ୍ୟାଦେଶ ନଂ. ୨୫୦/୨୦୧୬-୧୭ରେ ଦମୟନ୍ତୀଙ୍କ ନାମରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ମଞ୍ଜୁର ହୋଇଛି। ବର୍ତ୍ତମାନ ଏହି ଘର ନିର୍ମାଣ ସରିଥିବା ବେଳେ ସେ ଏହାକୁ ଭଡ଼ା ସୂତ୍ରରେ ଲଗାଇଛନ୍ତି ବୋଲି ମିନତି ଅଭିଯୋଗ କରିଛନ୍ତି। ତେବେ ତାଙ୍କ ନାମରେ ଜାଗା ନ ଥିବା ବେଳେ ଗୃହ ନିର୍ମାଣ କାର୍ଯ୍ୟାଦେଶ କିପରି ମିଳିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ଅର୍ଥ ଫେରସ୍ତ ଦାବି କରି ମିନତି ଧାରଣାରେ ବସିଥିଲେ। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମିନତିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଛି।




ମିନତି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

କେନ୍ଦ୍ରାପଡା ଅଫିସ, ୬।୯

କେନ୍ଦ୍ରାପଡ଼ା ସହରର ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି କେନ୍ଦ୍ରାପଡ଼ା ବିଭାଗ ନିରୀକ୍ଷକ କ୍ଷେତ୍ରମନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲା ବିଜ୍ଞାନ ସଂଯୋଜକ ପୀତବାସ ପଣ୍ଡା ଯୋଗଦେଇଥିଲେ। ମହେନ୍ଦ୍ର କୁମାର ଘଡେଇ, ନରେନ୍ଦ୍ର କୁମାର ରାଉଳ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମୟରେ ଶିକ୍ଷାର ଆବଶ୍ୟକତା ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ରମେଶଚନ୍ଦ୍ର ଦାସ, ପଣ୍ଡିତ ମାଧବ ଚରଣ ନନ୍ଦ, ସନ୍ତୋଷ କୁମାର ମିଶ, ସଞ୍ଜୟ କୁମାର ସାମଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଦଶିପୁର ପଞ୍ଚାୟତରେ ବହୁ ଯୋଜନାରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୬।୯:ଆଳି ବ୍ଲକ ଦଶିପୁର ପଞ୍ଚାୟତର ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପରେ ଅନିୟମିତତା ହେଉଛି। ଏ ନେଇ ଜନ ଅସନ୍ତୋଷ ବଢୁଥିବା ବେଳେ ପଞ୍ଚାୟତବାସୀ ଗୁରୁବାର ଜିଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗକାରୀ ବିବେକାନନ୍ଦ ଦାଶ କୁହନ୍ତି, ଏହି ପଞ୍ଚାୟତ ଅଧୀନ ବନ୍ଦସାହି ଗ୍ରାମରେ ଥିବା ପୋଖରୀ ବହୁ ବର୍ଷଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଉକ୍ତ ପୋଖରୀଟି ଲୋକଙ୍କ କାମରେ ଆସୁ ନ ଥିବା ବେଳେ ତୁଠ ମରାମତି ନାମରେ ବିଲ୍ କରାଯାଇଛି। ସେହିପରି ଡାକ୍ତରଖାନା ରାସ୍ତା କାର୍ଯ୍ୟ ନିମ୍ନମାନର କରି ବିଲ କରିନେବା, ବାସଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ନ କରିବା, ବାର୍ଦ୍ଧକ୍ୟ ଭତ୍ତାରେ ବ୍ୟାପକ ଜାଲିଆତି କରାଯିବା, ଗ୍ରାମର ତନୁମଣି ସାହୁ ଓ ନୀଳା ମଳିକଙ୍କ ମୃତ୍ୟୁର ୬ମାସ ପର୍ଯ୍ୟନ୍ତ ଭତ୍ତା ଉଠାଯିବା ଆଦି ବହୁ ଅନିୟମିତତା ହେଉଛି। ଏ ନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କିଛି ସୁଫଳ ନ ମିଳିବାରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ବିବେକାନନ୍ଦ କହିଛନ୍ତି।

■ ଭରତପୁରରୁ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ

## ଟଙ୍କା ଓ ସୁନା ଗହଣା ଜବତ, ୯ ଗିରଫ

ଆଳି, ୬।୯ (ଡି.ଏନ୍.ଏ.)

ଆଳି ଥାନା ଭରତପୁର ଗ୍ରାମର ୨ ଜଣଙ୍କ ଘରୁ ହୋଇଥିବା ସଶସ୍ତ୍ର ଡକାୟତି ଓ ୪ଜଣଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମହାସାହାଣି କେଳା ବସ୍ତିର ସାଜନ ଦାସ, ରାଜନ ଦାସ, ଅଜୟ ଦାସ, ଦୀପକ ଦାସ, କାଳିଆ ଦାସ ଏବଂ ଶ୍ୟାମସୁନ୍ଦରପୁର କେଳାସାହିର ମନୁଆ ଦାସ, ଶ୍ୟାମଗୁଡିଆର ବିଜୟ ଦାସ ଓ ସିଙ୍ଗିରିର ଦୁଖିଆ ଦାସ। ଏଥିସହ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ସୁନା ବ୍ୟବସାୟୀ ସଞ୍ଜୟ ସାହୁଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଡକାୟତମାନଙ୍କଠାରୁ ପୋଲିସ ନଗଦ ୪୨ ହଜାର ଟଙ୍କା, ୧୫୦ ଗ୍ରାମର ସୁନାଗହଣା, ରୁପା ଗହଣା, ପୁରୁଣା ଟଙ୍କା, ମୋବାଇଲ ଓ ଡକାୟତି ବେଳେ ବ୍ୟବହୃତ ୨ ବାଇକ ଜବତ କରିଥିବା ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିଶେଖର ସୂଚନା ଦେଇଛନ୍ତି। ଭରତପୁର ଡକାୟତି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ ଦେ, ଆଳି ଆଇଆଇସି ସଲିଳ ପ୍ରଧାନ, ପଟ୍ଟାମୁଣ୍ଡାଇ ଆଇଆଇସି ରାକେଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୨୯ ତାରିଖ ରାତିରେ ଭରତପୁର ଗ୍ରାମର ହାଡିବନ୍ଧୁ ସାହୁ ଓ ଅଲେଖ ସାହୁଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଡକାୟତମାନେ ହାଡିବନ୍ଧୁଙ୍କ ସମେତ ପରିବାରର ୪ଜଣଙ୍କୁ ମରଣାନ୍ତକ ଆକ୍ରମଣ କରି ୩ ଲକ୍ଷ ଟଙ୍କାର ସୁନା, ରୁପା ଗହଣା ଓ ନଗଦ ୫୦ ହଜାର ଟଙ୍କା ଆଦି ନେଇଯାଇଥିଲେ। ସେହି ରାତିରେ ଡକାୟତମାନେ ଅଲେଖ ସାହୁଙ୍କ ଘରୁ ୪୦ ଗ୍ରାମର ସୁନା ଅଳଙ୍କାର ସହ ୩୫ ହଜାର ଟଙ୍କା ଚୋରି କରି ନେଇଥିଲେ। ତେବେ ଏହି ଘଟଣାରେ ସାଜନ ଦାସଙ୍କ ସମେତ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ଡଗ୍ ସ୍କ୍ୱାଡ ତଦନ୍ତରୁ ଜଣାପଡ଼ିବା ପରେ ପୋଲିସ ସାଜନଙ୍କୁ ଗିରଫ କରି ପଚରାଉଚୁରା କରୁଥିଲା। ଡକାୟତି ଘଟଣାରେ ସଞ୍ଜୟ ଦାସ, ଦୀପକ ଦାସ, ମୁନା ଦାସ, ଅଜୟ ଦାସ, ବାବୋ ଦାସ, ବାବୁନା ଦାସ ଓ ଦିନା ଦାସ ପ୍ରମୁଖ ସମ୍ପୃକ୍ତ ଥିବା ସାଜନ ପୋଲିସକୁ କହିଥିଲେ। ତାଙ୍କ ବୟାନକ୍ରମେ ପୋଲିସ ଅନ୍ୟମାନଙ୍କୁ ଗିରଫ କରିଛି। ମୁନା ଦାସ, ବାବୋ ଦାସ, ବାବୁନା ଦାସ ଓ ଦିନା ଦାସ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ଏ ନେଇ ଆଳି ଥାନାରେ ନଂ. ୧୫୪/୧୯ ଓ ୧୫୫/୧୯ରେ ଦୁଇଟି ମାମଲା ରୁଜୁ ହୋଇଛି। ଅନ୍ୟପଟେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇଥିବା ମନୁଆ ଦାସ, ବିଜୟ ଦାସ ଓ ଦୁଖିଆ ଦାସଙ୍କ ପଟ୍ଟାମୁଣ୍ଡାଇ ଥାନା, ଆଳି ଥାନା, ପାଟକୁରା ଥାନା, ମାର୍ଶାଘାଇ ଥାନା ଓ ପାଣିକୋଇଲି ଥାନା ଅଞ୍ଚଳରେ ହୋଇଥିବା ବିଭିନ୍ନ ଚୋରି, ଡକାୟତି ଘଟଣାରେ ସମ୍ପୃକ୍ତି ଥିବା ପୋଲିସ କହିଛି।

■ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମରାଯିବା ଘଟଣା

## ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ତଦନ୍ତ ଦାବି

ଡେରାବିଶ, ୬।୯ (ସ୍ୱ.ପ୍ର.)

ଗ୍ରାମବାସୀଙ୍କ ଖବରଦାତା ସମ୍ମିଳନୀ




ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ପୁରୁଷୋତ୍ତମପୁର ଗ୍ରାମସ୍ଥିତ ମହିମା ଆଶ୍ରମ ପୀଠରେ ପୁରୁଷୋତ୍ତମପୁର ଓ ଶିଶୁଆ ଗ୍ରାମବାସୀଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ସନ୍ତୋଷ ବେହେରା ଓ ହେମନ୍ତ ବେହେରା ଗ୍ରାମବାସୀଙ୍କ ନାମରେ ଥାନାରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଖବରଦାତା ସମ୍ମିଳନୀରେ ଗ୍ରାମବାସୀ ଦର୍ଶାଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ସନ୍ତୋଷ ଓ ହେମନ୍ତ ଦୀର୍ଘବର୍ଷ ହେବ ବାହାରେ ରହୁଥିବା ବେଳେ ଗତ କିଛିଦିନ ହେବ ଗାଁକୁ ଆସିଛନ୍ତି। ସେମାନେ ଆସିବା ପରଠାରୁ ଅନେକ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ରହୁଥିବା ବେଳେ ସେମାନଙ୍କ ନାମରେ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି। ଗତ ୧୨ ତାରିଖରେ ସନ୍ତୋଷ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ଏକ କଟୁରି ଧରି ଗାଁ ସାରା ବୁଲିଥିଲେ। ଭୟରେ କେହି ବାହାରକୁ ବାହାରୁ ନ ଥିବା ବେଳେ ନିକଟରେ ଏକ ବିଲରେ କାମ କରୁଥିବା ଗ୍ରାମର ଅଲେଖ ବେହେରା ଓ ସୁଧୀର ବେହେରା ସନ୍ତୋଷଙ୍କୁ କାବୁ କରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଏହାପରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଏହି ସମୟର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସନ୍ତୋଷ ଏହାର ଫାଇଦା ଉଠାଇଥିଲେ। ଗ୍ରାମରେ କଙ୍ଗାରୁ କୋର୍ଟ କରାଯାଇ ତାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଥିବା ନେଇ ସନ୍ତୋଷ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାର ସତ୍ୟତା ନ ଥିବା ବେଳେ ଏହାର ତଦନ୍ତ କରିବାକୁ ଗ୍ରାମବାସୀ ଖବରଦାତା ସମ୍ମିଳନୀରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଗ୍ରାମର ସରୋଜ କୁମାର କର, ପ୍ରଭାକର ସ୍ୱାଇଁ, ଶିକ୍ଷାବିତ୍ ନୃସିଂହ ଚରଣ ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ରାଧାଶ୍ୟାମ ଖଟୁଆ, ଭାସ୍କର ଚନ୍ଦ୍ର ଖଟୁଆ, କୈଳାସ ବେହେରା, ବିନୋଦ ସ୍ୱାଇଁ, ରମେଶ ରାଉତ, ଅଲେଖ ରାଉତଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସନ୍ତୋଷଙ୍କ ପୋଟଳ କିଆରି ଦେଇ ଗ୍ରାମବାସୀ ପାୱାରଟିଲର ନେଉଥିବା ବେଳେ ସନ୍ତୋଷ ଏହାକୁ ବିରୋଧ କରିଥିଲେ। ଫଳରେ ଗ୍ରାମର ଅଲେଖ ବେହେରା, ସୁଧୀର ବେହେରାଙ୍କ ସମେତ ଅନ୍ୟକେତେଜଣ ଏକାଠି ହୋଇ ତାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଛନ୍ତି ବୋଲି ଗତ ୧୨ ତାରିଖରେ ସନ୍ତୋଷ ଥାନାରେ ଅଭିଯୋଗ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.28-KUR-TRD-OT-2019-20, ତା.30.08.2019ରିଖ

**କାର୍ଯ୍ୟର ନାମ:** ଦୁଇ ବର୍ଷ ପାଇଁ ଡିପୋଜିଟ୍ ଟର୍ମରେ ପାରାଦ୍ୱୀପ ଠାରେ ମେସର୍ସ PPT(ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ) ର ପାରାଦ୍ୱୀପ ପୋର୍ଟ ୟାର୍ଡ଼ ଭିତରେ ବର୍ଥ ଅନ ଟର୍ମିନାଲ (BOT) ଡାଉନ୍ ଲାଇନ୍, ଇଂଜିନ୍ ଏସ୍କେପ୍ ଲାଇନ୍, ପ୍ଲଟ୍-14 ଏବଂ ପ୍ଲଟ୍-15 ନିମନ୍ତେ ଆଇସୋଲେଟର ପରିଚାଳନା।

ଆନୁମାନିକ ମୂଲ୍ୟ (ଟଙ୍କାରେ): 33,36,474.06, EMD (ଟଙ୍କାରେ) : 66,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.09.2019 ରିଖ 1330 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.19.09.2019 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-351/K/19-20





ଭାରତ ସରକାର
ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ
ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ
ବୟୋଶ୍ରେଷ୍ଠ ସମ୍ମାନ (ବରିଷ୍ଠ ନାଗରିକଙ୍କ ପାଇଁ ଜାତୀୟ ପୁରସ୍କାର) ୨୦୧୯ - ବଛା ବଛା ବର୍ଗରେ ନାମାଙ୍କନ ଆମନ୍ତ୍ରଣର ଶେଷ ତାରିଖ ବୃଦ୍ଧି।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ନିମ୍ନଲିଖିତ ବର୍ଗରେ ନାମାଙ୍କନ ଆମନ୍ତ୍ରଣ ପାଇଁ ସମୟ ଅବଧିକୁ ପୁନର୍ବାର ଖୋଲିବାର ନିଷ୍ପତ୍ତି ନେଇଛି:

| ବର୍ଗ ସଂ. | ବର୍ଗ | ବିବରଣୀ/ଯୋଗ୍ୟତା | ପୁରସ୍କାରର ପ୍ରକୃତି |
|---|---|---|---|
| ଆନୁଷ୍ଠାନିକ ବର୍ଗ | | | |
| ୬. | ବରିଷ୍ଠ ନାଗରିକଙ୍କ ହିତ ଓ କଲ୍ୟାଣର ପ୍ରସାରରେ ଶ୍ରେଷ୍ଠ ବେସରକାରୀ କ୍ଷେତ୍ରୀୟ ସଙ୍ଗଠନ | ବରିଷ୍ଠ ନାଗରିକଙ୍କୁ କର୍ମନିଯୁକ୍ତି ପ୍ରଦାନ କରି କିମ୍ବା ସମାଜର ହିତରେ ସେମାନଙ୍କର ଦକ୍ଷତା ଓ ଅଭିଜ୍ଞତାକୁ କାମରେ ଲଗାଇ କିମ୍ବା ଜରାବସ୍ଥା ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ସୃଷ୍ଟି କରି କିମ୍ବା ଏକ ଗୋଷ୍ଠୀ ଭାବେ ବରିଷ୍ଠ ନାଗରିକଙ୍କ ହିତ ପାଇଁ ଅନ୍ୟ କୌଣସି ସମାନ ଧରଣର ପଦକ୍ଷେପ ଗ୍ରହଣ କରି ସେମାନଙ୍କ ସମସ୍ୟାକୁ ଦୂର କରୁଥିବା କର୍ପୋରେଟ୍ ହାଉସ୍। ବରିଷ୍ଠ ନାଗରିକଙ୍କ ପାଇଁ ହାତକୁ ନେଇଥିବା କାର୍ଯ୍ୟଗୁଡ଼ିକ ସମ୍ପୃକ୍ତ ସଙ୍ଗଠନର ମୁଖ୍ୟ ବ୍ୟବସାୟରୁ ଭିନ୍ନ ହୋଇଥିବା ଆବଶ୍ୟକ। | (କ) ମାନପତ୍ର, (ଖ) ସ୍ମାରକୀ |
| ବ୍ୟକ୍ତିବିଶେଷ ବର୍ଗ | | | |
| ୧୩. | ସାହସ ଏବଂ ବୀରତା (ପୁରୁଷ ଓ ମହିଳାଙ୍କ ପାଇଁ ପ୍ରତ୍ୟେକ ଗୋଟିଏ) | ଗୁରୁତର ବିପଦର ସାମ୍ନାସାମ୍ନି ହୋଇଥିବା ସମୟରେ ଅସାଧାରଣ ସାହସ ପ୍ରଦର୍ଶନ କରିଥିବା ବରିଷ୍ଠ ନାଗରିକଙ୍କ ପାଇଁ। | (କ)ମାନପତ୍ର, (ଖ)ସ୍ମାରକୀ (ଗ)ଅଢ଼େଇ ଲକ୍ଷ ଟଙ୍କାର ନଗଦ ପୁରସ୍କାର। |

୨. ଅଧିସୂଚନା ଅନୁଯାୟୀ ଉପରଦର୍ଶିତ ବର୍ଗଗୁଡ଼ିକ ପାଇଁ ନାମାଙ୍କନ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ତା୧୬।୦୯।୨୦୧୯ରିଖ । ଏ ସଂକ୍ରାନ୍ତୀୟ ସବିଶେଷ ସୂଚନା ବିଭାଗର ୱେବ୍‌ସାଇଟ୍: www.socialjustice.nic.in ରେ ଉପଲବ୍ଧ ।

(ଏସ୍.ଏସ୍. କୁମାର)
ଭାରତ ସରକାରଙ୍କ ଉପ ସଚିବ
ଟେଲି: ୦୧୧-୨୩୩୮୮୮୩୭

davp 38101/11/0020/1920



**ପୂର୍ବ ତଟ ରେଳପଥ**

କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ପ୍ରକଳ୍ପ:ନିର୍ମାଣ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONSBP2019034, ତା.04.09.2019ରିଖ

**କାର୍ଯ୍ୟର ନାମ:** "କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ପ୍ରକଳ୍ପ: ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର KR ଲାଇନ୍‌ରେ ଲକ୍ଷ୍ମୀପୁର ରୋଡ଼, ଧୌରହା(ନ୍ୟୁ), ସିଙ୍ଗରାମ ଏବଂ ଟିକିରି ଷ୍ଟେସନ ୟାର୍ଡ଼ ସହିତ ଲକ୍ଷ୍ମୀପୁର ରୋଡ଼ (କି.ମି.61.313)-ଟିକିରି (କି.ମି.83.065) ଷ୍ଟେସନଗୁଡ଼ିକ ମଧ୍ୟରେ P.Way ସାମଗ୍ରୀଗୁଡ଼ିକର ପରିବହନ, P.Way ଲିଙ୍କିଙ୍ଗ୍ (ସେକେଣ୍ଡ ହ୍ୟାଣ୍ଡ ସର୍ଭିସ୍ ରେଲ୍ ଦ୍ୱାରା ଏବଂ 10/20 ନ୍ୟୁ ରେଲ୍ ପ୍ୟାନେଲ ଦ୍ୱାରା) ର ସମ୍ପାଦନ ଏବଂ ସମ୍ପର୍କିତ କାର୍ଯ୍ୟ ସମୂହ।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 897.53 ଲକ୍ଷ, EMD (ଟଙ୍କାରେ): 5,98,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 18(ଅଠର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-43/CC/19-20



**ରେଲୱେ ବିଦ୍ୟୁତୀକରଣ**
ଭୁବନେଶ୍ୱର

ବିଦ୍ୟୁତୀକରଣ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.RE_BBS_EL_OT_19-20_ST_01, ତା.03.09.2019 ରିଖ

**କାର୍ଯ୍ୟର ନାମ:** "ରେଲୱେ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ବନ୍ଧୀୟ 12 ମାସ ନିମନ୍ତେ ଖୋର୍ଦ୍ଧା ରୋଡ଼, ସମ୍ବଲପୁର, ଭବାନୀପାଟଣା, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଠାରେ ଥିବା କ୍ଷେତ୍ରୀୟ (Field) କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ ୟୁନିଟ୍‌ର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକର ଦେଖାଶୁଣା।"

ଆକଳିତ ମୂଲ୍ୟ (ଟଙ୍କାରେ): 1,51,27,344/-, EMD (ଟଙ୍କାରେ): 2,25,700/-, ଟେଣ୍ଡର ପେପର ମୂଲ୍ୟ (ଟଙ୍କାରେ): 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକାରେ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକା ଠାରୁ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 7(ସାତ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ମୁଖ୍ୟାଳୟ)/ରେଲୱେ ବିଦ୍ୟୁତୀକରଣ/ଭୁବନେଶ୍ୱର
PR-354/K/RE/19-20



**ପୂର୍ବ ତଟ ରେଳପଥ**

ଇଂଜିନିୟରିଂ କାର୍ଯ୍ୟ

ଫାଇଲ ନଂ.DRM/Engg/KUR/19-20/E-Tender/28, ତା.30.08.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ-KUR-203-2019, ତା.27.08.2019ରିଖ
**ବିବରଣୀ:** ସିନିୟର ସେକ୍ସନ ଇଂଜିନିୟର (P.Way)/ ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନରେ ରେତଙ୍ଗ-କାଇପଦର ରୋଡ଼ ମଧ୍ୟରେ କି.ମି.450.20 ଠାରୁ କି.ମି.457.20 ପର୍ଯ୍ୟନ୍ତ ଏବଂ ଖୋର୍ଦ୍ଧା ରୋଡ଼-ପୁରୀ ସେକ୍ସନରେ କି.ମି.456.00 ଠାରୁ କି.ମି.498.89 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):123.30 ଲକ୍ଷ, EMD (ଟଙ୍କାରେ): 2,11,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 30.09.2020।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ-KUR-204-2019, ତା.27.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ନୟାଗଡ଼ ପରିସୀମା ଅଧୀନରେ ଖୋର୍ଦ୍ଧା ରୋଡ଼-ମହିପୁର ଷ୍ଟେସନ ମଧ୍ୟରେ କି.ମି.0.00 ଠାରୁ କି.ମି.77.38 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 67.22 ଲକ୍ଷ, EMD (ଟଙ୍କାରେ): 1,34,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 30.09.2020।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-205-2019, ତା.27.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କାଲୁପଡ଼ାଘାଟ ଅଧୀନରେ ଖୋର୍ଦ୍ଧା ରୋଡ଼-ବାଲୁଗାଁ ଷ୍ଟେସନ ମଧ୍ୟରେ କି.ମି. 457.20 ଠାରୁ କି.ମି.515.00 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):122.54 ଲକ୍ଷ, EMD (ଟଙ୍କାରେ): 2,11,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 30.09.2020।

(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-206-2019, ତା.27.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ରମ୍ଭା ଅଧୀନରେ ଗଙ୍ଗାଧରପୁର-ଗଞ୍ଜାମ ଷ୍ଟେସନ ମଧ୍ୟରେ କି.ମି. 515.00 ଠାରୁ କି.ମି.572.13 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):119.46 ଲକ୍ଷ, EMD (ଟଙ୍କାରେ): 2,09,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 30.09.2020।

(5) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-207-2019, ତା.27.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ବ୍ରହ୍ମପୁର ଅଧୀନରେ ଗଞ୍ଜାମ-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ କି.ମି.572.13 ଠାରୁ କି.ମି. 613.20 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):116.31 ଲକ୍ଷ, EMD (ଟଙ୍କାରେ): 2,08,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 30.09.2020।

(6) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-208-2019, ତା.27.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ସୋମପେଟା ଅଧୀନରେ ଇଚ୍ଛାପୁରମ୍-ପଲାସା ଷ୍ଟେସନ ମଧ୍ୟରେ କି.ମି. 631.20 ଠାରୁ କି.ମି.678.33 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 96.67 ଲକ୍ଷ, EMD (ଟଙ୍କାରେ): 1,93,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 30.09.2020।

(7)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-EAST-KUR-209-19, ତା.26.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, କଟକ-II ପରିସୀମା ଅଧୀନରେ 5 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 48.47 ଲକ୍ଷ, EMD (ଟଙ୍କାରେ): 96,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି: 08 (ଆଠ) ମାସ।

(8) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-210-19, ତା.27.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାଲୁଗାଁ ଷ୍ଟେସନ ଠାରେ ଷ୍ଟାଫ୍ କ୍ୱାର୍ଟର, ସର୍ଭିସ୍ ବିଲ୍ଡିଙ୍ଗ୍ ଏବଂ ଷ୍ଟେସନ ନିମନ୍ତେ ପାନୀୟ ଜଳ ଯୋଗାଣ ପ୍ରଣାଳୀରେ ବୃଦ୍ଧିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 92.12 ଲକ୍ଷ, EMD (ଟଙ୍କାରେ): 1,84,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ।

(9) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-211-2019, ତା.28.08.2019ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନ ଠାରେ ବର୍ତ୍ତମାନର ପୁରୁଣା ଫୁଟ୍ ଓଭର ବ୍ରିଜ୍ (FOB) ସ୍ଥାନରେ ଫୁଟ୍ ଓଭର ବ୍ରିଜ୍ (6 ମିଟର ପ୍ରସ୍ଥ) ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):375.56 ଲକ୍ଷ, EMD (ଟଙ୍କାରେ): 3,37,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 06 (ଛଅ) ମାସ।

(10) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CEN-KUR-212-2019, ତା.27.08.2019ରିଖ
**ବିବରଣୀ:** ରେତଙ୍ଗ ଷ୍ଟେସନ ଠାରେ ଟ୍ରାକ୍ ମେସିନ୍ ସାଇଡିଙ୍ଗ୍ ସମ୍ବନ୍ଧୀୟ ରେଲ୍ ଲେଭେଲ ପ୍ଲାଟଫର୍ମ, କନେକ୍ଟିଙ୍ଗ୍ ରୋଡ଼, ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ବ୍ୟବସ୍ଥା ଏବଂ ବ୍ରିଜ୍ ନଂ.611 ଏବଂ 612 ର ସଂପ୍ରସାରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 100.88 ଲକ୍ଷ, EMD (ଟଙ୍କାରେ): 2,00,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ): ତା.18.09.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ଼
PR-348/K/19-20

## ସଂକ୍ଷେପରେ

### ଆରବିଆଇର ଗ୍ରାହକ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,୬।୯(ସ୍ୱ.ପ୍ର.):ପାରାଦୀପ ନୂଆବଜାରସ୍ଥିତ ପାନ୍ଥନିବାସ ପରିସରରେ ଶୁକ୍ରବାର ରିଜର୍ଭ ବ୍ୟାଙ୍କ୍ ଅଫ ଇଣ୍ଡିଆ (ଆରବିଆଇ) ପକ୍ଷରୁ ଇଲେକ୍‌ଟ୍ରୋନିକ୍ସ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପାରାଦୀପରେ ଥିବା ୧୮ ଜାତୀୟକରଣ ବ୍ୟାଙ୍କ ଓ ୫ ଘରୋଇ ବ୍ୟାଙ୍କ୍ କର୍ମଚାରୀଙ୍କ ସହ ବହୁ ଗ୍ରାହକ ଉପସ୍ଥିତ ଥିଲେ। ସମ୍ପ୍ରତି ଡିଜିଟାଲ ଦୁନିଆରେ ସାଇବର ଠକେଇ, ଏଟିଏମ୍, ଡେବିଟ୍ କାର୍ଡ ଠକେଇ ଆଦି ବଢ଼ିଚାଲିଛି। ସେଥିରୁ କିପରି ରକ୍ଷା ପାଇବେ ଏଥିରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଆରବିଆଇର ଭୁବନେଶ୍ୱର ଶାଖା ଏଜିଏମ୍ ଏସ୍. ବସକ, ୟୁକୋ ବ୍ୟାଙ୍କ୍‌ର ଆଇଟି ଅଧିକାରୀ ବିଶ୍ୱନାଥ ସେଠୀ, ନାବାର୍ଡ ଏଜିଏମ୍ ଡି.ଡି. ମହାନ୍ତି, ଜଗତ୍‌ସିଂହପୁର ଜିଲା ଏଲ୍‌ଡିଏମ୍ ଶତିଶ ପାତ୍ର ପ୍ରମୁଖ ଯୋଗଦେଇ ସଚେତନ କରାଇଥିଲେ। ଏ ସମ୍ପର୍କରେ ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଥିଲା।

### ଶିକ୍ଷାବିତ୍ ନିଶାକର ମୁଦୁଲି ଅସୁସ୍ଥ

କୁଜଙ୍ଗ,୬।୯(ସ୍ୱ.ପ୍ର): କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ବାଲିପାରି ଗ୍ରାମନିବାସୀ ନିଶାକର ମୁଦୁଲି ୨ ଦିନ ହେବ ଅସୁସ୍ଥ ଅଛନ୍ତି। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ମୂତ୍ର ସଂକ୍ରମଣ ଜନିତ ରୋଗରେ ଆକ୍ରାନ୍ତ ଥିବା ଜଣାଯାଇଛି। ପ୍ରକାଶ ଯେ, ୯୦ ବର୍ଷ ବୟସ୍କ ଏହି ସାମାଜିକ କର୍ମୀ ଶିକ୍ଷା ବିଭାଗରୁ ଅବସର ନେବା ପରେ କୁଜଙ୍ଗ ଅଞ୍ଚଳର ସାହିତ୍ୟ, ସଂସ୍କୃତି, ବିଭିନ୍ନ ଶିକ୍ଷାନୁଷ୍ଠାନ, ମଦ ବିରୋଧୀ ଆନ୍ଦୋଳନ ସହ ବରିଷ୍ଠ ନାଗରିକଙ୍କ ଅଧିକାର ଓ ଚାଷୀଙ୍କ ପାଇଁ ଲଢାଇ ଜାରିରଖିଛନ୍ତି। ତାଙ୍କ ଅସୁସ୍ଥତା ଖବରପାଇ ବରିଷ୍ଠ ନାଗରିକ ମଞ୍ଚ ରାଜ୍ୟ ସଙ୍ଗଠନ ସମ୍ପାଦକ ବାବୁରାମ ଚୌଧୁରୀ ତାଙ୍କୁ ସାକ୍ଷତ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

### ବିଦ୍ୟାଳୟରେ ଚାରା ରୋପଣ

ବାଲିକୁଦା,୬।୯(ସ୍ୱ.ପ୍ର.): କାଳିଓ ପଞ୍ଚାୟତ ଭୋଦାସ୍ଥିତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠ ପରିସରରେ ଗୁରୁଦିବସ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଶିକ୍ଷାବିତ୍ ବଂଶୀଧର ସ୍ୱାଇଁ, ଯୁବନେତା ଶିବପ୍ରସାଦ ପାତ୍ର, ରାଜକିଶୋର ବିଶ୍ୱାଳ, ଅଲେଖ ସାହୁ, ନିକୁଞ୍ଜ ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ରାଉତ, ବରିଷ୍ଠ ଶିକ୍ଷକ ଦିଲୀପ କୁମାର ନାୟକ, ପ୍ରହ୍ଲାଦ ଖୁଣ୍ଟିଆ, ବାସୁଦେବ ସ୍ୱାଇଁ, ପଞ୍ଚାନନ ଦାସ, ସବିତା ପୃଷ୍ଟି, କୈଳାସ ଚନ୍ଦ୍ର ରାଉତ, କର୍ମଚାରୀ ନିମାଇଁ ଚରଣ ମୁଦୁଲି, ସୁଶାନ୍ତ ନାୟକ, ନିରୁପମା ବିଶ୍ୱାଳ, କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ବୁଡ଼ିଲା ମୂଷାଡ଼ିଆ ବସ୍ତି, ଧସିଲା କଲ୍‌ଭର୍ଟ

ପାରାଦୀପ/କୁଜଙ୍ଗ,୬।୯(ସ୍ୱ.ପ୍ର.)

ଶୁକ୍ରବାର ଦିନତମାମ ବର୍ଷା ଲାଗିରହିବା ଫଳରେ ପାରାଦୀପ ଓ କୁଜଙ୍ଗ ଅଞ୍ଚଳରେ ପାଣି ଜମିରହି ଜୀବନଯାତ୍ରା ବ୍ୟାହତ ହୋଇଛି। ବିଶେଷକରି ଏସାର ଷ୍ଟିଲ ଓ ଇଫ୍‌କୋ ମଝିରେ ଥିବା ମୂଷାଡିଆ ବସ୍ତିରେ ଲୋକଙ୍କ ଘରେ ପାଣି ପଶିଛି। ବସ୍ତି ଜଳବନ୍ଦୀ ହେବାରୁ କେତେକ ଲୋକ ସନ୍ଧ୍ୟାରେ ଏସାର ଷ୍ଟିଲ କମ୍ପାନୀ ବିରୋଧରେ ବିକ୍ଷୋଦ୍‌ଗାର କରିଛନ୍ତି। ବର୍ଷା ପ୍ରଭାବରେ ବନ୍ଦରରେ କାରବାର ସାମାନ୍ୟ ବ୍ୟାହତ ହୋଇଥିବା ଜଣାଯାଇଛି। ବନ୍ଦର ପ୍ଲଟ୍‌ରେ କୋଇଲା-ଲୁହାପଥର ଭଳି ପଣ୍ୟ ବୋଝେଇ ଓ ଖଳାସୀ ବାଧାପ୍ରାପ୍ତ ହୋଇଛି। ସେହିପରି ବନ୍ଦର ଟାଉନ୍‌ସିପ୍‌ରେ କେତେକ ସ୍ଥାନରେ ପାଣି ଜମି ରହିଛି। ଡ୍ରେନ୍‌ଗୁଡିକ ଭର୍ତ୍ତି ହୋଇଯିବାରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଛି। ସେହିପରି ବିଶ୍ୱକର୍ମା ପୂଜା ତୋରଣ ନିର୍ମାଣ କାର୍ଯ୍ୟ ମଧ୍ୟ ବନ୍ଦ ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ସନ୍ଧ୍ୟା ସୁଦ୍ଧା ୯୦ ମିମି ବର୍ଷା ହୋଇଛି। କୁଜଙ୍ଗରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବସ୍‌ଷ୍ଟାଣ୍ଡ ଓ ଥାନା ଅଞ୍ଚଳରେ ଥିବା ଦୋକାନ ଘରେ ପାଣି ପଶିବା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବଜାରରେ ଥିବା ହାଇମାଷ୍ଟ ଲାଇଟ୍ ମଧ୍ୟ ଅଚଳ ହୋଇପଡିଛି। ବିଶ୍ୱାଳି ଗ୍ରାମରେ ଥିବା ୬ଟି କଲଭର୍ଟରେ ପାଣି ନିଷ୍କାସନ ହୋଇପାରୁନି। ସେହିପରି ବର୍ଷା ପ୍ରଭାବରେ କେତକ କଲଭର୍ଟ ଧସିଯାଇଥିବା ଜଣାଯାଇଛି।

**ଲଗାଣ ବର୍ଷାରେ ଅବସ୍ଥା ବେହାଲ୍**



ବର୍ଷାରେ ଭୁଶୁଡ଼ି ପଡ଼ିଥିବା କଲଭର୍ଟ।





ପାରାଦୀପ ମୂଷାଡ଼ିଆ ବସ୍ତିରେ ବର୍ଷା ପାଣି ଜମି ରହିଛି।

### ଲାଞ୍ଚ ନେବା ଫଟୋ ସୋସିଆଲ ମିଡିଆରେ ଭାଇରାଲ

# ଟ୍ରାଫିକ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କଲେ ଏସ୍‌ପି

ଜଗତ୍‌ସିଂହପୁର ଅଫିସ/ପାରାଦୀପ, (ସ୍ୱ.ପ୍ର.)୬।୯

ପାରାଦୀପ ମଡେଲ ଥାନା ଅଧୀନ ଅଠରବାଙ୍କୀଠାରେ ଜଣେ ଯୁବକଙ୍କଠାରୁ ଲାଞ୍ଚ ନେବା ଜଣେ ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ମହଙ୍ଗା ପଡିଛି। ଏହି ଲାଞ୍ଚ ନେବା ବେଳର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶୁକ୍ରବାର ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର ଅଭିଯୁକ୍ତ ଟ୍ରାଫିକ କନ୍‌ଷ୍ଟେବଲ ଶଶିଭୂଷଣ ଲେଙ୍କାଙ୍କୁ ନିଲମ୍ବନ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଲେଙ୍କା ଡ୍ୟୁଟିରେ ଥିବାବେଳେ ଟ୍ରାଫିକ ନିୟମ ଉଲ୍ଲଂଘନ କରିବା ଦେଖି ଜଣେ ଯୁବକଙ୍କୁ ଅଟକାଇଥିଲେ। ଏହା ପରେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଲାଞ୍ଚ ମାଗିଥିଲେ। ପରିସ୍ଥିତିରେ ପଡି ସମ୍ପୃକ୍ତ ଯୁବକ କିଛି ଟଙ୍କା ଦେଇ କନ୍‌ଷ୍ଟେବଲଙ୍କ କବଳରୁ ମୁକ୍ତ ହୋଇଥିଲେ। ତେବେ ନିକଟରେ ଉପସ୍ଥିତ ଅନ୍ୟ ଜଣେ ଯୁବକ ଚତୁରତାର ସହ ଏହି ଲାଞ୍ଚ ନେବାବେଳର ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ପୋଲିସର ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିବାରୁ ବିଭାଗ ପ୍ରସଙ୍ଗକୁ ଗୁରୁତର ସହ ନେଇଥିଲା। ପାରାଦୀପ ଥାନା ଆଇଆଇସି ଭାଇରାଲ ଫଟୋ ସମ୍ପର୍କରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏସ୍‌ପି ଅଭିଯୁକ୍ତ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କରିଛନ୍ତି। ଏଥିସହ ଆର୍‌ଆଇଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତେବେ କନ୍‌ଷ୍ଟେବଲ ଲେଙ୍କା କେତେ ଟଙ୍କା ଲାଞ୍ଚ ନେଇଥିଲେ ଓ କିଏ ଏହି ଫଟୋ ଉଠାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। କୁହାଯାଉଛି ଲାଞ୍ଚ ଦେଇଥିବା ଯୁବକଙ୍କ ଜଣେ ବନ୍ଧୁ ଏହି ଫଟୋ ଉଠାଇଥିଲେ। ଦୁଇ ବନ୍ଧୁ ବାଇକ୍‌ରେ ଯାଉଥିବାବେଳେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିଲେ। ଅନ୍ୟପକ୍ଷରେ ଏହି ଫଟୋ ୬ମାସ ତଳର ବୋଲି ଆଲୋଚନା ହେଉଛି। କନ୍‌ଷ୍ଟେବଲ ଲେଙ୍କା ଟଙ୍କା ନେଉଛନ୍ତି କି ଦେଉଛନ୍ତି ତାହା ଫଟୋରୁ ଜାଣିହେଉନି। ସେ ହାତରେ ଟଙ୍କା ଧରିଥିବାବେଳେ ସମ୍ପୃକ୍ତ ଯୁବକ ପଛକୁ ହାତ କରି ଛିଡ଼ା ହୋଇଥିବା ଫଟୋରେ ଦେଖାଯାଉଛି। ଏ ସମ୍ପର୍କରେ କନ୍‌ଷ୍ଟେବଲ ଲେଙ୍କା କହିଛନ୍ତି ଯେ, ଡ୍ୟୁଟି ସମୟରେ ସେ ସମ୍ପୃକ୍ତ ଯୁବକଙ୍କୁ ମାଛ ଆଣିବା ପାଇଁ ଟଙ୍କା ଦେଉଥିଲେ। ସେହି ସମୟରେ ଜଣେ ଟ୍ରକ୍ ମାଲିକ ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ।



ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ।

- ଆରଆଇଙ୍କୁ ଅଧିକ ତଦନ୍ତ କରିବାକୁ ନିର୍ଦ୍ଦେଶ
- ଅଭିଯୋଗକୁ ସମ୍ପୃକ୍ତ ଟ୍ରାଫିକ୍ କନ୍‌ଷ୍ଟେବଲଙ୍କ ଅସ୍ୱୀକାର

### ହେଲମେଟ୍ ଯାଞ୍ଚ, ୧୦୫୦୦ ଜରିମାନା

କୁଜଙ୍ଗ,୬।୯(ସ୍ୱ.ପ୍ର)

ନୂଆ ଟ୍ରାଫିକ୍ ନିୟମ ଲାଗୁହେବା ପରେ ଗୁରୁବାର କୁଜଙ୍ଗ ପୋଲିସ ପକ୍ଷରୁ ତାଳଦଣ୍ଡା ନିକଟରେ ଯାନବାହନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ହେଲେମେଟ୍ ଓ ଅନ୍ୟାନ କାଗଜ ନ ଥିବାରୁ ଗାଡି ଚାଳକଙ୍କଠାରୁ ମୋଟ ୧୦,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ଏଥିସହ ଟ୍ରାଫିକ ନିୟମ ପାଳନ କରିବାକୁ ସେମାନଙ୍କୁ ସଚେତନ କରାଯାଇଛି।

### ବଡ଼ବନ୍ଧ ରେଳ ଷ୍ଟେଶନ ରାସ୍ତା ବିପର୍ଯ୍ୟସ୍ତ

କୁଜଙ୍ଗ,୬।୯(ସ୍ୱ.ପ୍ର)

କଟକ-ପାରାଦୀପ ରେଳପଥର ପ୍ରମୁଖ ଷ୍ଟେଶନ ବଡ଼ବନ୍ଧକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। କୁଜଙ୍ଗ ଅଞ୍ଚଳରୁ ହଜାର ହଜାର ଯାତ୍ରୀ ପ୍ରତିଦିନ ଏହି ଷ୍ଟେଶନରୁ ବିଭିନ୍ନ ଅଞ୍ଚଳକୁ ଯାତ୍ରା କରନ୍ତି। କିନ୍ତୁ ଷ୍ଟେଶନ ରାସ୍ତା ନିର୍ମାଣ ପ୍ରତି ରେଲୱେର ଖୋର୍ଦ୍ଧା ଡିଭିଜନ ଅଧିକାରୀଙ୍କ ଅବହେଳା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ପାଟପୁର ଲେଭଲ କ୍ରସିଂଠାରୁ ପ୍ରାୟ ଦେଢ କିଲୋମିଟର ଦୂରରେ ଥିବା ଏହି ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା ଏବେ ଅନାବନା ଗଛ ଯୋଗୁ ସଙ୍କୁଚିତ ହୋଇଯାଇଛି। ଦୀର୍ଘଦିନ ଧରି ମରାମତି ହୋଇ ନ ଥିବାରୁ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ବିଷୟରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷପ ନେବାକୁ ପାଟପୁର ସରପଞ୍ଚ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଶିକ୍ଷାବିତ୍ ନିଶାକର ମୁଦୁଲି, ଶ୍ରମିକ ନେତା ପଦ୍ମଲୋଚନ ଦାଶ, ପୂର୍ବତନ ସରପଞ୍ଚ ରସାନନ୍ଦ ଜେନା, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ଭରତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ଭାଜପାରେ ତେଜୁଛି ଗୋଷ୍ଠୀ କନ୍ଦଳ

ତିର୍ତ୍ତୋଲ, ୬।୯(ଡି.ଏନ.ଏ.)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପାରେ ଗୋଷ୍ଠୀ କନ୍ଦଳ ତେଜିବାରେ ଲାଗିଛି। ଶୁକ୍ରବାର ଭାଜପା ନେତା ରମାକାନ୍ତ ଭୋଇ ଫନୀ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ କ୍ଷେତ୍ରରେ ପାତରଅନ୍ତର କରାଯାଉଥିବା ସମ୍ପର୍କରେ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ତେବେ ଦଳର ଅନ୍ୟ ଏକ ଗୋଷ୍ଠୀ ଏଥିରେ ତାଙ୍କୁ ସମର୍ଥନ ନ ଜଣାଇବା ଓ ସେମାନେ ପୃଥକ ଭାବେ ଯାଇ ଅଭିଯୋଗ କରିବାକୁ ନିଷ୍ପତ୍ତି ନେବାରୁ ଏହା ସ୍ପଷ୍ଟ ହୋଇଛି। ଭୋଇଙ୍କ ତତ୍ତ୍ୱାବଧାନରେ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯିବ ବୋଲି ଦଳର ସମସ୍ତ କର୍ମୀ ଓ କର୍ମକର୍ତ୍ତାଙ୍କୁ ଆଗୁଆ ସୂଚନା ଦିଆଯାଇଥିଲା। ଏହା ସତ୍ତ୍ୱେ ବହୁ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇ ନ ଥିଲେ। ଏପରିକି ଦଳର ଜିଲା ସମ୍ପାଦକ ବିଜୟ କୁମାର ଦାଶ ମଧ୍ୟ ଯୋଗଦେଇ ନ ଥିଲେ। ୪ଟି ଜୋନର କୌଣସି ଜିଲାପରିଷଦ ପ୍ରାର୍ଥୀ କିମ୍ବା ଦଳର ସମର୍ଥିତ ଏକମାତ୍ର ସମିତିସଭ୍ୟା ମଧ୍ୟ ସାମିଲ ହୋଇ ନ ଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ କରୁଛନ୍ତି। ସୂଚନାଯୋଗ୍ୟ, ନିକଟରେ ବିରିଡିର ଯୁବ ଭାଜପା ନେତା ଅଶ୍ୱିନୀ ରାଉତଙ୍କ ସହ ଅନ୍ୟ ଜଣଙ୍କ ନାମରେ ହୋଇଥିବା ଏତଲାକୁ ନେଇ ବିବାଦ ଦେଖାଦେଇଥିଲା। ଏହି ମାମଲା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଭୋଇଙ୍କୁ ଅସହଯୋଗ କରିବାକୁ ନିଷ୍ପତ୍ତି ହୋଇଥିବା ଜିଲା ସମ୍ପାଦକ ଦାଶ କହିଛନ୍ତି। ଅନ୍ୟପକ୍ଷରେ ସମସ୍ତଙ୍କୁ ଆଗୁଆ ସୂଚନା ଦେବା ସତ୍ତ୍ୱେ କୌଣସି କାର୍ଯ୍ୟକର୍ତ୍ତା ଆସୁନାହାନ୍ତି ବୋଲି ଭୋଇ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ତିର୍ତ୍ତୋଲ ପ୍ରଭାରୀ ଚୌଧୂରୀ ବିଜୟ ସୂତାର କହିଛନ୍ତି ଯେ, ନିର୍ବାଚନ ସମୟରେ ଭୋଇ ଆଗଧାଡିର କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରିଥିଲେ। ତେଣୁ ତାଙ୍କୁ କୌଣସି ସହଯୋଗ ନ କରିବାକୁ ନିଷ୍ପତ୍ତି ହୋଇଛି। ତିର୍ତ୍ତୋଲ ୪ନଂ ଯୋନ ଜିଲାପରିଷଦ ପ୍ରାର୍ଥୀ ତଥା ଯୁବ ସଭାପତି ଜ୍ୟୋତି ରଞ୍ଜନ ସାହୁ କହିଛନ୍ତି ଯେ, ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ଭୋଇଙ୍କ କାର୍ଯ୍ୟ କଳାପରେ କର୍ମୀ ଅସନ୍ତୁଷ୍ଟ ଥିଲେ। ଏହାର ସମାଧାନ ନ ହେଲେ ତାଙ୍କୁ ସବୁ କାର୍ଯ୍ୟକ୍ରମରେ ବିରୋଧ କରାଯିବ। ଜିଲା କାର୍ଯ୍ୟକାରୀଣୀ ସଦସ୍ୟ ନିରଞ୍ଜନ ଦାସ କହିଛନ୍ତି ଯେ, ଗତ ନିର୍ବାଚନରେ ଭୋଇ କର୍ମୀଙ୍କୁ ଅଣଦେଖା କରିଥିଲେ। ଏହାର ଉପଯୁକ୍ତ ଜବାବ ନ ଦେବାଯାଏ ସେ ବିରୋଧର ସମ୍ମୁଖୀନ ହେବେ। ଏ ସମ୍ପର୍କରେ ଭୋଇଙ୍କୁ ପଚାରିବାରେ ସେ କହିଲେ ଯେ, ସେମାନେ ସହଯୋଗ ନ କଲେ ବି ଆମେ ଦଳୀୟ କାର୍ଯ୍ୟକ୍ରମ ଚାଲୁରଖିବୁ।

### ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଗୁରୁଦିବସ ସମାରୋହ

# ଶିକ୍ଷକ ଯତ୍ନବାନ ହେଲେ ସୁଧୁରିବ ଶିକ୍ଷା ବ୍ୟବସ୍ଥା

ରଘୁନାଥପୁର, ୬। ୯ (ଡି.ଏନ.ଏ.)

ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରଘୁନାଥପୁର ମଣ୍ଡଳ ପକ୍ଷରୁ ମହମ୍ମଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ସହରୋହ ଅନୁଷ୍ଠିତ ହୋଇଛି। ଏଥିରେ ଡିପିସି ସପନ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷକମାନେ ଯତ୍ନବାନ ହେଲେ ଶିକ୍ଷା କ୍ଷେତ୍ରରେ ସୁଧାର ଆସିବ ବୋଲି କହିଥିଲେ। ବ୍ଲକ ଶିକ୍ଷା ଅଧିକାରିଣୀ ରାଜ୍ୟଶ୍ରୀ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଫଟୋ ଗ୍ୟାଲେରିରେ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସଭାନେତ୍ରୀ ସରଳା ଦେଈଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଇଓ ଶରତ ରାଉତରାୟ, ଏବିଇଓ ନରହରି ମିଶ୍ର, ଜନାର୍ଦ୍ଦନ ଦାସ, ସ୍ଥାନୀୟ ସରପଞ୍ଚ ସରୋଜ ବେହେରା, ପରିଚାଳନା କମିଟି ସଭାପତି ସୌମେନ୍ଦ୍ର ବାରିକ, ରାଜ୍ୟ ସଂଘର କୋଷାଧ୍ୟକ୍ଷ ଜୟପ୍ରକାଶ ପଣ୍ଡା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ମାୟାରାଣୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୬ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶିକ୍ଷକ ଗୌରବ ବନମାଳି ବ୍ରହ୍ମଚାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲା ସଂଘର ସମ୍ପାଦକ ନିର୍ମଳେନ୍ଦୁ ସୋମ ସଭା ପରିଚାଳନା କରିଥିଲେ। ଶେଖ ଅବଦୁଲ ବୁରାହନ ଅତିଥି ପରିଚୟ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଶିକ୍ଷକ।

# ବନ୍ଧୁକ ଦେଖାଇ ଘରେ କଳାକନା ବୁଲାଇଲେ

ଜଗତ୍‌ସିଂହପୁର ଅଫିସ, ୬।୯

- ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଟଙ୍କା
- ଥାନାରେ ମାମଲା ପରେ ତଦନ୍ତ ଜାରି

ଜଗତ୍‌ସିଂହପୁରରେ ଡକାୟତମାନେ ଆତଙ୍କ ଖେଳାଇଲେଣି। ଗୁରୁବାର ରାତିରେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କୋରୁଆର ତ୍ରୈଲୋକ୍ୟ ମୋହନ ସାହୁ (୪୩)ଙ୍କ ଘରେ ପଶି ଡକାୟତମାନେ ପରିବାର ଲୋକଙ୍କୁ ମାଡ଼ ମାରିବା ସହ ସେମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଘରେ କଳାକନା ବୁଲାଇ ଦେଇଛନ୍ତି। ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏନେଇ ଦଫା ୪୫୦/୩୯୫/ଆଇପିସି/୨୫/୨୭ ଆର୍ମସ୍ ଆକ୍ଟରେ ମାମଲା ନଂ.୨୯୨/୧୯ ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଡକାୟତଙ୍କ ସୁରାକ ମିଳିନାହିଁ। ଏହାକୁ ନେଇ କୋରୁଆରେ ଆତଙ୍କ ଖେଳିଯାଇଛି।

ଅଭିଯୋଗକାରୀ ସାହୁଙ୍କ ଘର ଆଲିପିଙ୍ଗଳ-ଦେବୀଦୋଳ ରାସ୍ତା ପାର୍ଶ୍ୱ କୋରୁଆ ଗାଁର ଶେଷ ମୁଣ୍ଡରେ। ପାଖରେ ଆଉ କାହାର ଘର ନାହିଁ। ରାତି ୮.୩୦ରେ ଦାଣ୍ଡ ଓ ବାରିପଟ କବାଟ ଖୋଲାଥିଲା। ଏହି ସମୟରେ ୨ଟି ବାଇକ୍‌ରେ ୬ ଜଣ ଡକାୟତ ତାଙ୍କ ଘର ସାମ୍ନାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ସାହୁଙ୍କ ଘର ଭିତରକୁ ପଶିଥିଲେ ଓ ୨ ଜଣ ବାଇକ୍ ପାଖରେ ଛିଡା ହୋଇଥିଲେ। ସମସ୍ତଙ୍କ ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଥିଲା। ଯେଉଁ ୪ ଜଣ ସାହୁଙ୍କ ଘର ଭିତରେ ପଶିଥିଲେ ସେମାନଙ୍କ ମଧ୍ୟରୁ ଜଣେ ମୁଖା ପିନ୍ଧିଥିଲେ। ଜଣଙ୍କୁ ଗୁରୁଭାଇ ବୋଲି ଅନ୍ୟମାନେ ଡାକୁଥିଲେ। ଡକାୟତମାନେ ହଠାତ ପଶିଆସି ସାହୁଙ୍କ ତାଙ୍କ ବାପା ପରମାନନ୍ଦ, ବୋଉ ମାଳତୀ ଓ ସ୍ତ୍ରୀ ଡଲିଙ୍କୁ ମାଡ଼ ମାରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରାଇଥିଲେ। ପରେ ସ୍ତ୍ରୀ ଓ ବୋଉ ପିନ୍ଧିଥିବା ଅଳଙ୍କାର ସମେତ ଘରେ ଥିବା ସମସ୍ତ ଅଳଙ୍କାର ନେଇଯାଇଥିଲେ। ସେମାନେ ସୁନା କାନଫୁଲ ୨ ହଳ, ମଙ୍ଗଳସୂତ୍ର ୧ଟି, ବାହୁଟି ୪, ଚେନ୍ ୧, ମୁଦି ୧, ଲାପଟପ୍ ୧, ମୋବାଇଲ ୪ଟି ସମେତ ନଗଦ ୨୫ ହଜାର ଟଙ୍କା ନେଇଯାଇଥିବା ସାହୁ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ୩ଟି ବ୍ୟାଙ୍କର ଏଟିଏମ୍, ୧ ପାନକାର୍ଡ, ୪ଟି ବ୍ୟାଙ୍କ ପାସବୁକ୍ ମଧ୍ୟ ନେଇଯାଇଛନ୍ତି। ଡକାୟତଙ୍କ ମଧ୍ୟରୁ ୪ ଜଣ ଶ୍ୟାମଳ ଓ ଜଣେ ଡେଙ୍ଗା ଓ ଗୋରା ବୋଲି ସାହୁ ସୂଚନା ଦେଇଛନ୍ତି। ସେମାନେ ଗଲାବେଳେ ଘରର ମୁଖ୍ୟ ଦ୍ୱାରକୁ ବନ୍ଦ କରି ଦେଇଥିଲେ। ପରେ ତାଙ୍କ ପରିବାର ଲୋକେ ଘର ପଛ ଦ୍ୱାର ଦେଇ ବାହାରକୁ ଯାଇ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଏହି ଘଟଣା ପରେ ଡକାୟତ ଗ୍ୟାଙ୍ଗ ସମ୍ପର୍କରେ ନାନା କଥା ଆଲୋଚନା ଚାଲିଛି। ବିଶେଷକରି ଏହି ମୁଖା ପିନ୍ଧା ବ୍ୟକ୍ତିଙ୍କୁ ନେଇ ସନ୍ଦେହ ଘନୀଭୂତ ହୋଇଛି। କେତେଜଣ ଲୋକଙ୍କ କହିବା କଥା ହେଲା ଏହି ବ୍ୟକ୍ତି ଜଣକ ନିଶ୍ଚୟ ସ୍ଥାନୀୟ ଲୋକ ହୋଇଥିବେ ଓ ସାହୁଙ୍କ ଘରେ କଣ ଅଛି ତାଙ୍କ ପାଖରେ ସୂଚନା ଥିବ। ତାଙ୍କ ମାଧ୍ୟମରେ ଡକାୟତି ଉଦ୍ୟମ ହୋଇଥାଇପାରେ। ତାହା ହୋଇ ନ ଥିଲେ ଅନ୍ୟମାନେ ଖୋଲା ମୁହଁରେ ଥିବା ବେଳେ ଜଣେ କାହିଁକି ମୁଖା ପିନ୍ଧିଥିଲେ। ଏହି ବ୍ୟକ୍ତି ଜଣକ କିଏ ହୋଇଥିବେ ତାକୁ ନେଇ ଖୋଳତାଡ ଚାଲିଛି। ତାଙ୍କ ପରିଚୟ ମିଳିଗଲେ ଅନ୍ୟମାନଙ୍କୁ ପାଇବା ପୋଲିସକୁ ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ତେବେ ଏହା ଭିତରେ ପୋଲିସ କିଛି ସନ୍ଧାନ କରିଥିବା ଜଣାଯାଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ବିପଦକୁ ଆମନ୍ତ୍ରଣ କରୁଛି ମେରାଇନ୍ ପୋଲିସର ଅବ୍ୟବସ୍ଥା

**ଜ୍ୟୋତିରଞ୍ଜନ ମହାପାତ୍ର**
**ଭୁବନେଶ୍ୱର, ୬।୯**

କେନ୍ଦ୍ର ସରକାର ଜମ୍ମୁକଶ୍ମୀରରୁ ଧାରା ୩୭୦ ଓ ୩୫-ଏ ହଟାଇବା ପରେ ବେଶ୍ ପ୍ରତିକ୍ରିୟାଶୀଳ ହୋଇଉଠିଛି ପଡୋଶୀ ରାଷ୍ଟ୍ର ପାକିସ୍ତାନ। ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ସକ୍ରିୟ ଥିବା ବିଭିନ୍ନ ଆତଙ୍କବାଦୀ ସଂଗଠନ ଭାରତ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ବିଶେଷକରି ସେମାନେ ଜଳପଥରେ ଭାରତର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବା ନେଇ ଯୋଜନା ଚଳାଇଥିବା ଭାରତୀୟ ଗୋଇନ୍ଦା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଓଡିଶାର ୭ଟି ଉପକୂଳ ଜିଲାରେ ୪୮୭ କି.ମି. ଲମ୍ବର ଉପକୂଳରେ ସୀମା ରହୁଥିବାରୁ ଦେଶର ସୁରକ୍ଷା ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଛି। ରାଜ୍ୟର ୭ଟି ଉପକୂଳ ଜିଲାରେ ୧୮ଟି ସାମୁଦ୍ରିକ ଥାନା ଉପକୂଳକୁ ସୁରକ୍ଷା ଦେଉଛି। କେନ୍ଦ୍ର ସରକାରଙ୍କ ୨୦୦୫ ସ୍ୱତନ୍ତ୍ର ସ୍କିମ୍ ଅନୁଯାୟୀ ଉପକୂଳ ସୀମାରେ ସୁରକ୍ଷା ପାଇଁ ସାମୁଦ୍ରିକ ଥାନା ପ୍ରତିଷ୍ଠା କରାଯାଇଥିଲା। ଭାରତୀୟ ନୌସେନା ସମୁଦ୍ର ଭିତର ଅଞ୍ଚଳଗୁଡ଼ିକରେ ନଜର ରଖିଥିବାବେଳେ ଭାରତୀୟ ତଟରକ୍ଷୀ ବାହିନୀ ସମୁଦ୍ର ତଟ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ନଜର ରଖେ। ଉପକୂଳ ଅଞ୍ଚଳରେ ବେଆଇନ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ, ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ରଖିବା ନେଇ ସମୁଦ୍ର ଭିତରକୁ ୧୨ ନଟିକାଲ ମାଇଲ୍ ପର୍ଯ୍ୟନ୍ତ ମେରାଇନ ପୋଲିସ ଥାନା କର୍ମଚାରୀମାନେ ଯିବାର ନିୟମ ରହିଛି। ହେଲେ ବ୍ୟବସ୍ଥାଗତ ତ୍ରୁଟି ଯୋଗୁ ମେରାଇନ୍ ଥାନାଗୁଡ଼ିକ ତଟବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେବାରେ ଏକ ପ୍ରକାର ଅପ୍ରସ୍ତୁତ ଥିବା ମନେ ହେଉଛି। ପୁରୀ ଜିଲାର ଉପକୂଳରେ ଅସ୍ତରଙ୍ଗ, ଚନ୍ଦ୍ରଭାଗା, ପେଣ୍ଠକଟା ଏବଂ ଅରଖକୁଦା ସାମୁଦ୍ରିକ ଥାନା ରହିଛି। ଅନେକ ସମୟରେ ବାଂଲାଦେଶରୁ ଅନୁପ୍ରବେଶକାରୀମାନେ ଟ୍ରଲର ବା ବୋଟ ନେଇ ପୁରୀ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳକୁ ପଶି ଆସୁଛନ୍ତି। ତେଣୁ ଏହା ପୁରୀର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପୁରୀ ଜିଲାରେ ଥିବା ୪ଟି ମେରାଇନ୍ ଥାନା ଅଞ୍ଚଳର ସମୁଦ୍ର ତଟ ଓ ଉପକୂଳ କେତେ ମାତ୍ରାରେ ସୁରକ୍ଷିତ ସେସମ୍ପର୍କରେ ଅନୁସନ୍ଧାନ କରାଯାଇଥିଲା। ମାତ୍ର ବାସ୍ତବ ଚିତ୍ର ଦେଖିବା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ବଡ଼ ପ୍ରଚାର କରୁଥିବା ରାଜ୍ୟ ପୋଲିସ ବିଭାଗର ଅସଲ ପାରିବା ପଣିଆ ପଦାରେ ପଡ଼ିଯାଇଛି। ପ୍ରାୟ ସମସ୍ତ ମେରାଇନ ଥାନା ଅବ୍ୟବସ୍ଥା ମଧ୍ୟ ଗତି କରୁଛି। ସବୁଠାରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ସହ କର୍ମଚାରୀ, ଅସ୍ତ୍ରଶସ୍ତ୍ର ଓ ସ୍ପିଡ୍ ବୋଟର ଅଭାବ ରହିଛି। ଏପରି କି ପାଟ୍ରୋଲିଂ ପାଇଁ ପ୍ରଶିକ୍ଷିତ କର୍ମଚାରୀଙ୍କ ଘୋର ଅଭାବ ରହିଛି। ଯାହାକି କୌଣସି ପ୍ରକାର ବଡ଼ ବିପଦର ମୁକାବିଲା କରିବାରେ ସଫଳ ହେବାନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### କୋଷ୍ଟ ଗାର୍ଡ ଟ୍ରେନିଂ ନେବାରେ ଅବହେଳା

ମେରାଇନ ପୋଲିସରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଭାରତୀୟ ସାମୁଦ୍ରିକ କୋଷ୍ଟ ଗାର୍ଡ ଟ୍ରେନିଂ ବ୍ୟବସ୍ଥା ରହିଥିଲେ ମଧ୍ୟ ଅଳ୍ପ ସଂଖ୍ୟକ କର୍ମଚାରୀ ଏହି ଟ୍ରେନିଂ ନେଇଛନ୍ତି। ଆର୍‌ଟିଆଇ ତଥ୍ୟ ମୁତାବକ ୨୦୧୫ରୁ ୨୦୧୮ ମଧ୍ୟରେ ରାଜ୍ୟ ପୋଲିସର ମେରାଇନ୍ ଥାନାରେ କାର୍ଯ୍ୟରତ କୌଣସି କର୍ମଚାରୀ ଟ୍ରେନିଂ ନେଇନାହାନ୍ତି।

### ପରିଚୟ ପତ୍ର ବିନା ସମୁଦ୍ରକୁ ଯାଉଛନ୍ତି ମତ୍ସ୍ୟଜୀବୀ

୨୦୧୭ରେ ରାଜ୍ୟ ସରକାର ସମୁଦ୍ରକୁ ଯାଉଥିବା ମତ୍ସ୍ୟଜୀବୀଙ୍କ ପାଇଁ ୱାଟରପ୍ରୁଫ ବାୟୋମେଟ୍ରିକ ପରିଚୟ ପତ୍ର କରିବାକୁ ବାଧ୍ୟତାମୂଳକ କରିଥିଲେ। ୩ଲକ୍ଷ ୪୬ହଜାର ୯୪୮ଜଣ ମତ୍ସ୍ୟଜୀବୀ ପରିଚୟ ପତ୍ର ନେଇ ଆବେଦନ କରିଥିବାବେଳେ ୩ଲକ୍ଷ ୪୫ହଜାର ୬୪୯ଜଣଙ୍କୁ ପରିଚୟ ପତ୍ର ମିଳିଛି। ଅସ୍ତରଙ୍ଗ ଅଞ୍ଚଳର ସୁରେନ୍ଦ୍ର କୁମାର ମଲ୍ଲିକଙ୍କ କହିବା ହେଲା ଯେ, ସେମାନେ ୩୦ବର୍ଷ ହେବ ସମୁଦ୍ର ଭିତରକୁ ଯାଉଛନ୍ତି। ଗତ ବର୍ଷ ୨୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଫଟୋ ଉଠାଇବା ସହ ବାୟୋମେଟ୍ରିକ କାର୍ଡ ପାଇଁ ଆବେଦନ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କୁ ଏବେବି ପରିଚୟ ପତ୍ର ମିଳିନି। ଫଳରେ ସେମାନେ ସମୁଦ୍ର ଭିତରକୁ ବିପଦପୂର୍ଣ୍ଣ ଭାବେ ଯିବା ଆସିବା କରୁଛନ୍ତି।

### ଥାନାରେ ବୋଟ ନ ଥିବାରୁ କଡ଼ାକଡ଼ି ହୋଇପାରୁନି ପାଟ୍ରୋଲିଂ

ଅରଖକୁଦା ଥାନା ଅଞ୍ଚଳରେ ଅନେକ ଧୀବର ନିଜସ୍ୱ ଉଦ୍ୟମରେ ଡଙ୍ଗା ତିଆରି କରି ସମୁଦ୍ର ଭତିରକୁ ଭିତରକୁ ଯିବାଆସିବା କରୁଛନ୍ତି। ଏନେଇ କୌଣସି କଟକଣା ମଧ ରହୁନି। ଅନେକ ସମୟରେ ବାଂଲାଦେଶ ନାଗରିକମାନେ ଲଞ୍ଚ ଯୋଗେ ମାଛ ମାରିବାକୁ ଏହି ଅଞ୍ଚଳକୁ ଆସୁଛନ୍ତି। ପୂର୍ବରୁ ୩ଟି ଡଙ୍ଗା ସମ୍ପର୍କରେ ସ୍ଥାନୀୟ ମତ୍ସଜୀବୀମାନେ ପୋଲିସକୁ ଖବର ଦେବାପରେ ସେଗୁଡିକ ଧରାହୋଇଥିଲା। ଏବେବି ଅନେକ ସ୍ପିଡ୍ ବୋଟରେ ଅଜଣା ଲୋକ ଆସୁଛନ୍ତି। ମାତ୍ର ଅରଖକୁଦା ଥାନାରେ ସ୍ପିଡ ବୋର୍ଟ ନ ଥିବାରୁ ସମୁଦ୍ର ମଧ୍ୟରେ ନିୟମିତ ପାଟ୍ରୋଲିଂ ହେଉ ନାହିଁ। ପୋଲିସ ସ୍ଥାନୀୟ ଲୋକଙ୍କଠାରୁ କେବଳ ସୂଚନା ନେଇ ଚୁପ ହୋଇ ବସିପଡୁଛି ବୋଲି ଧୀବର କୃଷ୍ଣ ବେହେରା ପ୍ରକାଶ କରିଛନ୍ତି। ଏପରି କି ଆମର ଲଞ୍ଚ ଓ ବୋଟ ଗୁଡ଼ିକ ନାଲି ରଙ୍ଗର ହେବାର ସ୍ୱତନ୍ତ୍ର ନିୟମ ରହିଥିବାବେଳେ କେହି ଏହାକୁ ମାନୁ ନାହାନ୍ତି। ଫଳରେ କିଏ କୁଆଡେ ଯାଉଛି ବା ଆସୁଛି ତାହା ଜାଣିବା କଷ୍ଟକର ହେଉଛି। ଏପରି କି ଅନେକ ସମୟରେ ବାହାର ଦେଶର ଲଞ୍ଚ ଓ ବୋଟଗୁଡ଼ିକ ଆମ ଅଞ୍ଚଳ ମଧକୁ ପଶିଆସୁଥିଲେ ସୁଦ୍ଧା ଏହାକୁ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି ବୋଲି କୃଷ୍ଣ କହିଛନ୍ତି।

### ବିଦେଶୀ ବନ୍ଧୁକ ଧରି ନାଲି ଆଖି ଦେଖାଇ ମାଛ ମାରୁଛନ୍ତି

ବାଂଲାଦେଶ, ମିୟାମାର, ଥାଇଲାଣ୍ଡ, ଶ୍ରୀଲଙ୍କା ପରି ଦେଶର ଜାହାଜ ଅନେକ ସମୟରେ ଭାରତୀୟ ସୀମାରେ ପ୍ରବେଶକରି ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ନାଲି ଆଖି ଦେଖାଇ ମାଛ ମାରୁଛନ୍ତି। ହାତରେ ବନ୍ଧୁକ ଧରି ନାଲି ଆଖି ଦେଖାଇ ଟନ୍ ଟନ୍ ମାଛ ବୋହି ନେଉଛନ୍ତି। ଏନେଇ ବିରୋଧ କଲେ ସେମାନେ ଧମକ୍ ଦେଉଛନ୍ତି। କୋଷ୍ଟ ଗାର୍ଡଙ୍କୁ ସ୍ୱତନ୍ତ୍ର ସାଟେଲାଇଟ ଫୋନ୍ ମାଧ୍ୟମରେ ଖବର ଦେବା ପରେ ସେମାନେ ପହଁଚି ଯାଞ୍ଚ କରୁଛନ୍ତି। ଏପରିକି ବାୟୁସେନାର ହେଲିକ୍ୟାପଟର ଆକାଶପଥରେ ଗୁଳି ବର୍ଷା କରିବା ପରେ ଅନେକ ବିଦେଶୀ ଯାହାଜ ଫେରି ଯାଇଥିବା ନଜିର ରହିଛି। ପ୍ରାୟ ୨ବର୍ଷ ତଳେ ମାଲେସିଆ ଓ ବାଂଲାଦେଶ ଅଞ୍ଚଳରୁ ଆସିଥିବା ଜାହାଜକୁ ଗୁଳି କରି କାବୁ କରାଯାଇଥିଲା।

### ସାମୁଦ୍ରିକ ଉପକୂଳ ସୁରକ୍ଷା ନିତାନ୍ତ ଜରୁରୀ

ବାଂଲାଦେଶୀମାନେ ମାଛ ଧରିବା ନେଇ ଅନେକ ସ୍ପିଡ୍ ବୋଟ ବ୍ୟବହାର କରୁଛନ୍ତି। ଯାହାକି ବାଂଲାଦେଶରୁ ବାହାରୁଥିବା ସ୍ପିଡ୍ ବୋଟ ସମୁଦ୍ରପଥରେ ପ୍ରାୟ ୧୬ଘଣ୍ଟାରେ ସେମାନେ ଭାରତୀୟ ସୀମା ଡେଇଁ ପୁରୀ ସୀମା ଛୁଇଁ ପାରୁଛି। ଭିତରକୁ ମାସମାସ ଧରି ମାଛ ମାରିବାକୁ ଯାଉଥିବାବେଳେ ବାହାର ଦେଶର ଅନେକ ବୋଟକୁ ଦେଖିବାକୁ ପାଉଛୁ ବୋଲି ମତ୍ସ୍ୟଜୀବୀ କୃଷ୍ଣଚନ୍ଦ୍ର ସ୍ୱାଇଁ କହିଛନ୍ତି। ସେମାନେ ବନ୍ଧୁକ ପିସ୍ତଲ ଧରି ଆସୁଥିବାରୁ ପୁରୀ ତଟସୁରକ୍ଷା ନିତାନ୍ତ ଜରୁରୀ ହୋଇ ପଡ଼ିଛି। ଏପରିକି ବାଂଲାଦେଶୀମାନେ ଅନେକ ସମୟରେ ବୋଟ ଓ ଲଞ୍ଚରେ କେନ୍ଦ୍ରପଡ଼ା ଓ ବାଲେଶ୍ୱର ଅଞ୍ଚଳକୁ ବେଆଇନ ପ୍ରବେଶ କରୁଛନ୍ତି। ତେଣୁ ସାମୁଦ୍ରକି ଥାନାଗୁଡ଼ିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ହୋଇପଡ଼ିଛି।

### ତଟ ସୁରକ୍ଷା ଅଧିକାରୀଙ୍କ ମତରେ...

ତଟ ସୁରକ୍ଷା ବିଭାଗର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରାଣବିନ୍ଦୁ ଆଚାର୍ଯ୍ୟ କହିଛନ୍ତି, ସାମୁଦ୍ରିକ ଥାନାର ଭିତ୍ତିଭୂମି ବିକାଶ ନେଇ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଉଛି। ସାମୁଦ୍ରିକ ଥାନାଗୁଡ଼ିକରେ ବାକିଥିବା କାର୍ଯ୍ୟକୁ ଶୀଘ୍ର ସମାପ୍ତ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆଇଜି, ଡିଆଇଜି ଏବଂ ଏସ୍‌ପିମାନେ ବିଭିନ୍ନ ମେରାଇନ ଥାନା ମାସକୁ ଥରେ ଗସ୍ତକରି ପାଟ୍ରୋଲିଂ ବ୍ୟବସ୍ଥାକୁ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଆଚାର୍ଯ୍ୟ କହିଛନ୍ତି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କ ଆକ୍ରମଣରେ କନଷ୍ଟେବଲ ଗୁରୁତର

ଯାଜପୁର ଟାଉନ,୬।୯(ଡିଏନଏ) ଗିରଫ କରିବାକୁ ଯାଇଥିବାବେଳେ ଅଭିଯୁକ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ପୋଲିସ କର୍ମଚାରୀ। ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଯାଜପୁର ଥାନା ଅଧୀନରେ। ଜମିବାଡ଼ିକୁ ନେଇ ଏକ ଗଣ୍ଡଗୋଳ ମାମଲାରେ ଅଭିଯୁକ୍ତ ବିରଜାପୁର ଗ୍ରାମର ଦେବେନ୍ଦ୍ର ଦାସଙ୍କୁ ଫାଣ୍ଡିକୁ ଡାକିବା ପାଇଁ ଯାଜପୁର ଥାନା ଅଧୀନ ରାମବାଗ ଫାଣ୍ଡିର କନଷ୍ଟେବଲ ଲାଲମୋହନ ସାହୁ ସେହି ଗ୍ରାମକୁ ଯାଇଥିଲେ। ଗ୍ରାମ ଛକରେ ଅଭିଯୁକ୍ତ ଦେବେନ୍ଦ୍ରଙ୍କ ସହିତ ପୋଲିସ କନଷ୍ଟେବଲ ଲାଲମୋହନଙ୍କର ଦେଖା ହୋଇଥିଲା। ଲାଲମୋହନ ତାଙ୍କୁ ଫାଣ୍ଡିକୁ ଆସିବା ପାଇଁ କହିବାରୁ ଦେବେନ୍ଦ୍ର ଦୌଡିବାକୁ ଲାଗିଥିଲେ। ଏହାପରେ ଲାଲମୋହନ ଦେବେନ୍ଦ୍ରଙ୍କ ପିଛା କରିବା ସମୟରେ ସେ ଏକ ବ୍ଲେଡ୍‌ରେ କନଷ୍ଟେବଲଙ୍କ ହାତକୁ କାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ କନଷ୍ଟେବଲଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିବା ସହିତ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଭିଯୁକ୍ତ ଦେବେନ୍ଦ୍ରଙ୍କୁ ଧରି ଥାନାକୁ ଆଣି ପଚରାଉଚରା ଜାରି ରଖିଛନ୍ତି।

### ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ: ୪ ଗୁରୁତର

ବିଞ୍ଝାରପୁର,୬।୯(ଡି.ଏନ.ଏ) ବିଞ୍ଝାରପୁର ଥାନା ବିତନା ପଞ୍ଚାୟତ ବାଲିସାହିଠାରେ ଗଣେଶ ପୂଜାକୁ କେନ୍ଦ୍ରକରି ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୪ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣାକୁ ନେଇ ବିତନା ପଞ୍ଚାୟତରେ ଚାପା ଉତ୍ତେଜନା ଲାଗି ରହିଛି। ଘଟଣା ସମ୍ପର୍କରେ ଥାନାରେ ୨ଟି ଅଭିଯୋଗ ହୋଇଛି। ବାଲି ସାହିଠାରେ ଗୁରୁବାର ସନ୍ଧ୍ୟାରେ ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଥିବାବେଳେ ଗ୍ରାମର କିଛି ଅସାମାଜିକ ଯୁବକ ଏହି କାର୍ଯ୍ୟକ୍ରମକୁ ବିରୋଧ କରି ଗାଳିଗୁଲଜ କରିଥିଲେ। ଏହାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏନେଇ ଥାନାରେ ଉଭୟ ପକ୍ଷରୁ ୨ଟି ଅଭିଯୋଗ ହୋଇଥିଲାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ନଦୀକଡ଼ରୁ ମିଳିଲା ଯୁବକଙ୍କ ମୁଣ୍ଡ

**ଚାନ୍ଦବାଲି, ୬।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଓରାସାହି ପଞ୍ଚାୟତ ନେଢୁଆଡ଼ି ଗ୍ରାମର ହେମନ୍ତ ମାଝୀ(୩୫)ଙ୍କ ଶରୀର ବିହୀନ ମୁଣ୍ଡ ବୈତରଣୀ ନଦୀକଡ଼ରୁ ଉଦ୍ଧାର କରାଯାଇଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ହେମନ୍ତ ଶୁକ୍ରବାର ସକାଳେ ବିଲକୁ ଚାଷକାମ ପାଇଁ ଯାଇଥିଲେ। ଦ୍ୱିପ୍ରହରରେ ଘରକୁ ନ ଫେରିବାରୁ ସେମାନେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ସନ୍ଧ୍ୟାରେ ବୈତରଣୀ ନଦୀ କଡ଼ରେ ହେମନ୍ତଙ୍କ ମୁଣ୍ଡ ପଡ଼ିଥିବା ଦେଖିଥିଲେ। ଗାଁ ପାଖ ଦେଇ ବହି ଯାଇଥିବା ବୈତରଣୀ ନଦୀରେ କୁମ୍ଭୀର ହେମନ୍ତଙ୍କୁ ଟାଣି ନେଇଥିବା ସନ୍ଦେହ କରାଯାଉଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଅଧ୍ୟାପକଙ୍କୁ ବୀଭତ୍ସ ହତ୍ୟା



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

**ସମ୍ବଲପୁର/ପଡିଆବାହାଲ, ୬।୯ (ବ୍ୟୁରୋ/ ଡି.ଏନ.ଏ)**

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ହୃଦାନନ୍ଦ ପ୍ରଧାନ(୪୭)ଙ୍କୁ ହତ୍ୟା କରାଯାଇଛି। ମୁରା ହାଇସ୍କୁଲ ପରିସରରେ ସେ ରହୁଥିବା କୋଠରିରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ତାଙ୍କ ଦୁଇହାତକୁ ପଛପଟୁ ବନ୍ଧା ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଶାସନ ପୋଲିସ ସାଇଣ୍ଟିଫିକ୍ ଟିମ ସହ ଘଟଣାର ତନାଘନା ଚଳାଇଛି। ଘଟଣାସ୍ଥଳରୁ ରକ୍ତଲଗା ଏକ ଠେଙ୍ଗା ଜବତ କରାଯାଇଛି। ଅଧ୍ୟାପକ ପ୍ରଧାନ ରହୁଥିବା କୋଠରି ଓ ରୋଷେଇ ଘରର ସାମଗ୍ରୀ ଇତସ୍ତତଃ ହୋଇ ପଡି ରହିଥିଲା । ଏ ନେଇ ତାଙ୍କ ସମ୍ପର୍କୀୟ ଭାଇ ଗଗନ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୧୮୪/୧୯)ରୁଜୁ କରିଛି ।

ମିଳିଥିବା ଖବର ଅନୁସାରେ, ହୃଦାନନ୍ଦ ନୂଆଁଖାଇ ଛୁଟିରେ ତାଙ୍କ ଦେବଗଡ ଜିଲା ବାଡିଆନାଳାସ୍ଥିତ ପୈତୃକ ଗାଁକୁ ଯାଇ ଗୁରୁବାର ଏଠାକୁ ଆସିଥିଲେ। କଲେଜରେ କ୍ଲାସ ସାରି ଘରକୁ ଫେରିଥିଲେ। ହେଲେ ଶୁକ୍ରବାର ସେ କଲେଜକୁ ଆସି ନ ଥିଲେ। ଅନୁପସ୍ଥିତକୁ ନେଇ କଲେଜ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ଫୋନ କରିଥିଲେ । ସେ ଫୋନ ରିସିଭ୍ ନ କରିବାରୁ ଦୁଇଜଣ କର୍ମଚାରୀ କଲେଜକୁ ଲାଗିଥିବା ସ୍କୁଲ କ୍ୟାମ୍ପସରେ ଥିବା ଘରକୁ ଦେଖିବାକୁ ଯାଇଥିଲେ । ଘରର ବାହାରପଟୁ ତାଲା ପଡିଥିବା ବେଳେ ତାଙ୍କ ଚପଲ ଘର ବାହାରେ ରହିଥିଲା। ସେମାନେ ସନ୍ଦେହ କରି ଘରର ପଛପଟ କବାଟ ଦେଇ ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ମଧ୍ୟ ଭିତର ପଟୁ ବନ୍ଦ ରହିଥିଲା। ଶେଷରେ ଝରକା ଖୋଲି ଦେଖିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହୃଦାନନ୍ଦଙ୍କ ମୃତଦେହ କୋଠରି ଭିତରେ ପଡିରହିଥିଲା। ଏହାକୁ ନେଇ ଶାସନ ଥାନା ପୋଲିସକୁ କଲେଜ କର୍ତ୍ତୃପକ୍ଷ ଖବର ଦେଇଥିଲେ। ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କବାଟ ଭାଙ୍ଗି ପୋଲିସ ଘରକୁ ପଶିଥିଲା। ଅପରାହ୍ନ ପ୍ରାୟ ୪ଟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଗତ ୧୭ ବର୍ଷ ହେଲା ମୁରାରେ ରହି ଆସୁଥିବା ହୃଦାନନ୍ଦ ଜଣେ ମେଳାପି ଓ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ସମସ୍ତଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା । ତାଙ୍କ ହତ୍ୟା ଖବର ଆମକୁ ସ୍ତବ୍ଧ କରିଛି ବୋଲି କଲେଜ ଅଧ୍ୟକ୍ଷ ନାରାୟଣ ପ୍ରଧାନ କହିଛନ୍ତି। ଏସ୍‌ଡିପିଓ ଉଦ୍‌ଗାତା କହିଛନ୍ତି ଯେ, ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ। ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରାଯାଉଛି। ଖୁବଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ ।

### ଉଦ୍ଧାର ନାବାଳିକାଙ୍କୁ ପୋଲିସ ଜିମା ଦିଆଗଲା

**କୋଲିମାଟି, ୬।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ଆନନ୍ଦପୁର ଘସିପୁରାଠାରେ ଶୁକ୍ରବାର ସକାଳେ ଚିରାଫଟା ଜାମା ପିନ୍ଧିଥିବା ଜଣେ ୧୦ ବର୍ଷର ନାବାଳିକା ଅସହାୟ ଅବସ୍ଥାରେ ଏକ ଦୋକାନ ବାରଣ୍ଡାରେ ବସିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପାଦରେ ଜୋତା ବି ନ ଥିଲା। ସେ କେଉଁଠୁ କିପରି ଆସିଛନ୍ତି ଓ ତାଙ୍କ ମା’ ବାପା କିଏ କିଛି ବି ଠିକ୍ ଭାବେ କହି ପାରୁ ନ ଥିଲେ। ଖବର ପାଇ ଜଣାଶୁଣା ସମାଜସେବୀ ଦେବରାଜ ସାହୁ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରିନେଲେ। ତାଙ୍କୁ ନୂଆ ଜାମା ଓ ଜୋତା ଦେଇ ତାଙ୍କ ଠିକଣା ବୁଝି ଘରେ ପହଞ୍ଚାଇବା ଦେବା ସକାଶେ ସେ ପୋଲିସ ଜିମା ଦେଇଥିଲେ ।

A TATA PRODUCT



ଆପଣଙ୍କ ପୁରୁଣା ସୁନା ଆଜି ଆହୁରି ମୂଲ୍ୟବାନ

ପାଆନ୍ତୁ 100% ଏକ୍ସଚେଞ୍ଜ ଭାଲ୍ୟୁ*
14 କ୍ୟାରେଟ୍ ରୁ ଅଧିକର ଯେକୌଣସି ସୁନା ସକାଶେ

TANISHQ

20% ପର୍ଯ୍ୟନ୍ତ ଛାଡ଼* ସମସ୍ତ ଡାଇମଣ୍ଡ ଜ୍ୱେଲରୀ ଉପରେ ।

AMERICAN EXPRESS
₹10,000 Additional Discount* on American Express® Cards.
Offer valid from 6th Sept. - 15th Sept., 2019. Min. transaction of ₹1,00,000. *Not valid on Gold Coins. Further exclusions and T&Cs apply. Tanishq reserves the right to amend the T&Cs without any prior notice.

Buy online at tanishq.co.in
Follow us on:
• To know more, log on to tanishq.co.in or give a missed call on 1800 3010 5002.
*ସର୍ତ୍ତାବଳୀ ଲାଗିବ। ଅଫର୍ 10 ଅଗଷ୍ଟ ରୁ 10 ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ବୈଧ।
• 14 କ୍ୟାରେଟ୍ ରୁ ଅଧିକର ଯେକୌଣସି ସୁନା ସକାଶେ 100% ଏକ୍ସଚେଞ୍ଜ ଭାଲ୍ୟୁ ବୈଧ।
• ଅଧିକ ବିବରଣୀ ପାଇଁ ଦେଖନ୍ତୁ tanishq.co.in/offers

ଭୁବନେଶ୍ୱର – ଷ୍ଟେସନ ସ୍କୋୟାର୍ ଏବଂ ଚନ୍ଦ୍ରଶେଖରପୁର | କଟକ – କିଶୋର ହାଉସ୍, ମାତା ମଠ ପାଖରେ, କ୍ୟାଣ୍ଟନ୍‌ମେଣ୍ଟ ଛକ | ରାଉରକେଲା – କେଶର ଭବନ, ମେନ୍ ରୋଡ୍ | ବ୍ରହ୍ମପୁର – ହନୁମାନ ବଜାର ଛକ, ବ୍ରହ୍ମପୁର ରେ | ସମ୍ବଲପୁର : ବୁଢ଼ାରଜା ରୋଡ, ଓଡ଼ିଶା | ଅନୁଗୁଳ – ପ୍ଲଟ୍ ନଂ.623, ଅମଲା ପାଡ଼ା | ବାଲେଶ୍ୱର – ବିବେକାନନ୍ଦ ମାର୍ଗ।
ଅଧିକ ସୂଚନା ପାଇଁ ଭିଜିଟ୍ କରନ୍ତୁ: tanishq.co.in/stores • କଲ୍ କରନ୍ତୁ: 1800 258 2598.

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ

**ଯାଜପୁର ଟାଉନ,୬।୯(ଡିଏନଏ)**

ବଡଚଣା ଥାନା କୋଲାସିଂ ଗ୍ରାମର ଜଣେ ନାବାଳିକା (୧୪)ଙ୍କୁ ସେହି ଗ୍ରାମର ନିହାରକାନ୍ତ ଓଝା ନାମକ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ଯାଜପୁର କୋର୍ଟ ଏହାର ଶୁଣାଣି କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ୍ ଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ପ୍ରକାଶ ଯେ, ନିହାରକାନ୍ତଙ୍କ ଘରକୁ ଉକ୍ତ ନାବାଳିକା ଯିବା ଆସିବା କରୁଥିଲେ। ଏହାର ସୁଯୋଗରେ ନିହାରକାନ୍ତ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରଲୋଭିତ କରାଇ ବଳାତ୍କାର କରୁଥିଲେ। ଏହାପରେ ନାବାଳିକା ୫ମାସର ଗର୍ଭବତୀ ହେବା ପରେ ତାଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପୀଡିତାଙ୍କ ପରିବାର ଲୋକେ ଏନେଇ ଗ୍ରାମବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ପାଇଁ ଚେଷ୍ଟା କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ୬।୬।୨୦୧୨ରେ ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ବଡଚଣା ଥାନାରେ ଏକ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ-୧୨୬/୧୨) ରୁଜୁ କରିବା ସହ ନିହାରକାନ୍ତଙ୍କୁ ଗିରଫ କରିଥିଲା। ଶୁକ୍ରବାର ଏହି ମାମଲାର ବିଚାର କରି ଯାଜପୁର ସହକାରୀ ଦୌରାଜଜ୍ ସୁଷମା ସ୍ୱାଇଁ ୨୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ରାୟରେ ପ୍ରକାଶ କରିଛନ୍ତି। ଏତଦ୍ ବ୍ୟତୀତ ପୀଡିତାଙ୍କୁ କ୍ଷତିପୂରଣ ପାଇଁ ଜିଲା ଆଇନ ପ୍ରାଧିକରଣକୁ ସହକାରୀ ଦୌରାଜଜ୍ ଅନୁମୋଦନ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶୈଳେନ୍ଦ୍ର କୁମାର ସାମଲ ପରିଚାଳନା କରିଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍



## ସଂକ୍ଷେପରେ

### ଏଓପିଏମ୍‌ଇଏଫ୍ ପକ୍ଷରୁ ଦାବିପତ୍ର

**ଯାଜପୁର ଟାଉନ,୬।୯(ଡିଏନଏ):** ଯାଜପୁର ଜିଲା ଅଲ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିସମେଣ୍ଟ ଫୋରମ୍ (ଏଓପିଏମ୍‌ଇଏଫ୍) ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଜିଲାରେ ଥିବା ନର୍ସିଂ ହୋମ୍‌ଗୁଡିକର ବିଭିନ୍ନ ସମସ୍ୟାକୁ ପ୍ରଶାସନ ସମାଧାନ କରୁ ନ ଥିବାରୁ ନାନା ହଇରାଣ ହେବାକୁ ପଡୁଛି। ଜିଲା ସ୍ୱାସ୍ଥ୍ୟ ବିଭାଗରେ ଏପର୍ଯ୍ୟନ୍ତ ଅଗ୍ନିନିର୍ବାପକ ଆଇନକୁ କଡ଼ାକଡ଼ିଭାବେ ପାଳନ କରାଯାଉ ନ ଥିବାବେଳେ ଘରୋଇ ଚିକିତ୍ସାଳୟରେ ବାଧବାଧକତା କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ୨୦୧୪-୧୫ରୁ ପଞ୍ଜୀକରଣ କିମ୍ବା ନବୀକରଣ ଆବେଦନ କରାଯାଇଥିଲେ ମଧ ଏହାକୁ ଜିଲା ସ୍ୱାସ୍ଥ୍ୟବିଭାଗ ଧାନ ଦେଉ ନ ଥିବାବେଳେ ଯଥାଶୀଘ୍ର ଏହାକୁ କରାଯିବା ପାଇଁ ଦାବି କରାଯାଇଛି। ବିଭିନ୍ନ ନର୍ସିଂହୋମରେ ବିଜୁକଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ରୋଗୀଙ୍କୁ ଚିକିତ୍ସିତ କରାଯାଇଥିଲେ ମଧ ଲକ୍ଷାଧିକ ଟଙ୍କା ଏବେ ବି ପଡ଼ିରହିଛି। ଏସବୁ ସମସ୍ୟାର ସମାଧାନ ପାଇଁ ଫୋରମ୍‌ର ଜିଲା ସଭାପତି ଇନ୍ଦୁଶେଖର ପଣ୍ଡା, ରବୀନ୍ଦ୍ର ଡ଼ାକୁଆ, ମନୋଜ ନାୟକ, ବିନୋଦ ରଥ, ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

### ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସର ମେଗା ଅଡିଶନ୍

**ଯାଜପୁର ଟାଉନ,୬।୯(ଡ଼ିଏନଏ):** ଯାଜପୁର ସହରରେ ଥିବା ହାରୋ ପବ୍ଲିକ୍ ସ୍କୁଲରେ ଜି ସାର୍ଥକ ପକ୍ଷରୁ ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସର ମେଗା ଅଡିସନ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜି ସାର୍ଥକର ମାଷ୍ଟର ରାକେଶ ମହାନ୍ତି, ମାଷ୍ଟର ସନ୍ତୋଷ ଦଳେଇ ବିଚାରକଭାବେ ଯୋଗଦେଇଥିବା ବେଳେ ମିସ୍ ଲୋରିଆ ଉପସ୍ଥାପିକା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଓ ମୟୁରଭଞ୍ଜ ଜିଲାରୁ ଆସିଥିବା ୩୧୫ଜଣଙ୍କୁ ମେଗା ଅଡିସନ୍ ପାଇଁ ଚୟନ କରାଯାଇଥିଲା। ଏହି ଅଡିସନ୍‌ରୁ ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ବ୍ୟକ୍ତିଗତ ନୃତ୍ୟ ପାଇଁ ଚୟନ କରାଯାଇଥିବାବେଳେ ଗୋଟିଏ ଟିମ୍‌କୁ ଗ୍ରୁପ୍ ଡ୍ୟାନ୍ସ ବିଭାଗରେ ସିଧାସଳଖ ଫାଇନାଲ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଏହି ମେଗା ଅଡିସନ୍‌ରେ ଯୋଗଦେଇଥିବା ୧୨ଜଣ କୃତି ପ୍ରତିଯୋଗୀଙ୍କୁ ଜି ସାର୍ଥକ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ହରିଶ୍ଚନ୍ଦ୍ର କର, ସରିତା ଦେ, ମନୋଜ ପାଣିଗ୍ରାହୀ, ଚିତ୍ତରଞ୍ଜନ ନାୟକ, ଗୁରୁଚରଣ ସ୍ୱାଇଁ, ପ୍ରଦୀପ ଦୋବାଇ, ଦିଲୀପ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ଟିପ୍ପ ଓଭରଲୋଡିଂ ଗାଡ଼ି ଚଳାଚଳ ଅଣାୟତ୍ତ

# ଅଘୋଷିତ ଚୁକ୍ତିକାରୀଙ୍କୁ ଛାଡ଼

**ଯାଜପୁର ଅଫିସ,୬।୯**

ଯାଜପୁର ଜିଲା ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଅଧୀନରେ ଲଘୁ ଖଣିଜ ସମ୍ପଦର ପ୍ରାଚୂର୍ଯ୍ୟ ରହିଛି। ହେଲେ ପରିବେଶଗତ ଅନୁମତି ନ ଥାଇ କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ନ ମାନି କଳା ପଥର ଉତ୍ତୋଳନ ହେଉଥିବା ଖାଦାନଗୁଡିକରେ ୧୪୪ ଧାରା ଜାରି ହୋଇଛି। ଏଥିରେ ରାହାଡପୁରର ୩ଟି ଓ ଡଙ୍କାରୀର ୨ଟି ଖାଦାନ ରହିଛି। ତେବେ ଏହିସବୁ ପାହାଡ଼ ପାଦଦେଶରେ ମିତ୍ତଲ, ଏମଏମ ଇମ୍ପା, ବଜରଙ୍ଗୀ, ବିରଜା, ଉତ୍କଳ ହାଇୱେ, ଭିକି ଷ୍ଟୋନ କ୍ରଶର, ଏମ୍‌ଆଇପିଏଲ, ସାଇ ଷ୍ଟୋନ ପ୍ରଭୃତି ମେଗା ଷ୍ଟୋନ କ୍ରଶର ଚାଲିଛି। ପାହାଡ଼ଗୁଡିକରୁ ବେଆଇନ ଭାବେ ପଥର ଉତ୍ତୋଳନ କରି କ୍ରଶରରେ ଚିପ୍ସ, ମେଟାଲ ଆଦି ତିଆରି କରି ବାହାରକୁ ଚାଲାଣ ହେଉଛି। ଏହି କ୍ରଶର ମାଲିକ ଓ ସମ୍ପୃକ୍ତ ପରିବହନ ସଂସ୍ଥା ସ୍ଥାନୀୟ ଆରଟିଓଙ୍କ ସହିତ ଅଘୋଷିତ ଚୁକ୍ତି କରି ବ୍ୟାପକ ଓଭରଲୋଡିଂ ଚଳାଚଳ କରୁଛନ୍ତି। ଫଳରେ ଜିଲା ଦେଇ ଯାଉଥିବା ୬ ନମ୍ବର, ୫୩ ନମ୍ବର ଓ ୨୦୦ ନମ୍ବର ଜାତୀୟ ରାଜପଥରେ ପ୍ରତ୍ୟହ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସମ୍ପ୍ରତି ଦୁର୍ଘଟଣା ରୋକିବାକୁ କେନ୍ଦ୍ର ସରକାର ବେଆଇନ ପରିବହନ ଉପରେ ଜୋରିମାନା ଅର୍ଥକୁ ବୃଦ୍ଧି କରିଥିବାବେଳେ ଚଣ୍ଡିଖୋଲ ଆରଟିଓ ଅଧୀନ ଅଞ୍ଚଳରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ହେଉଛି। ଯେଉଁମାନେ ଆରଟିଓଙ୍କ ସହିତ ମାସିକ ଚୁକ୍ତି କରିନାହାନ୍ତି ସେମାନଙ୍କୁ ଧରପଗଡ଼ କରୁଥିବାବେଳେ ମେଗା କ୍ରଶର ଓ ପ୍ରଭାବଶାଳୀ ପରିବହନ ସଂସ୍ଥା ଅନାୟାସରେ ଖସି ଯାଉଛନ୍ତି ବୋଲି ଅଭିଯୋଗ ହୋଇଛି।

ସାରା ରାଜ୍ୟରେ ଯାଜପୁର ଜିଲା ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରାଜସ୍ୱ ଆଦାୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ବାର୍ଷିକ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏଠାରୁ ରାଜସ୍ୱ ଆଦାୟ ହେଉଛି। ତେବେ ଅମାପ ସମ୍ବଳ ଯୋଗୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟଧାର୍ଯ୍ୟ ଏଠାରେ ସହଜରେ ପୂରଣ ହୋଇଯାଉଥିବାବେଳେ ବାକି ଅର୍ଥ ବିଭାଗୀୟ ଅଧିକାରୀଙ୍କ ପକେଟକୁ ଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ ବିନା ଅନୁମତିରେ ଶତାଧିକ ଗ୍ରାନାଇଟ ଖାଦାନ ଚାଲିଛି। ଏହାସହ ବେଆଇନ ଭାବେ ବିଭିନ୍ନ ପାଦଦେଶରେ ମେଗା ଓ ଛୋଟବଡ ଷ୍ଟୋନ କ୍ରଶର ପ୍ରତିଷ୍ଠା ହୋଇଛି। ଫଳରେ ଏଠାରୁ ପ୍ରତ୍ୟହ ବେଆଇନ ପରିବହନ ଜୋରସୋରରେ



■ନାମକୁ ମାତ୍ର ୧୪୪ ଧାରା ■ଚାଲିଛି ମେଗା କ୍ରଶର
■ନୂଆ ମୋଟର ଯାନ ଆଇନ ପ୍ରହସନ

ଜାରି ରହିଛି। ସରକାରଙ୍କ ଧାର୍ଯ୍ୟ ମୁତାବକ ପରିବହନ ରାଜସ୍ୱ ଆଦାୟ ଆଶାନୁରୂପକ ହୋଇଥିଲେ ହେଁ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୨ଗୁଣରୁ ଅଧିକ ଓଭରଲୋଡିଂ ଗାଡି ଚଳାଚଳ କରୁଛି। ସଡ଼କ ସୁରକ୍ଷା ସୁପ୍ରିମକୋର୍ଟ କମିଟି ଦୁର୍ଘଟଣା ହ୍ରାସ ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ପରିବହନ ସଚିବ ଓ ଯାଜପୁର ଜିଲାପାଳଙ୍କ ନିଷ୍ପତ୍ତିକ୍ରମେ ଯୁଗ୍ମ ଟ୍ରାଫିକ ପୋଲିସ ଗାଡିମୋଟର ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ସରକାର ନୂଆ ମୋଟର ଯାନ ଆଇନ ଲାଗୁ କରିବା ପରେ ଏବେ ପରିବହନ ବିଭାଗ ପକ୍ଷରୁ ଚଢାଉ ଜୋରଦାର କରାଯାଇଛି। ଗୁରୁବାର ଚଣ୍ଡିଖୋଲ ଆରଟିଓଙ୍କ ନେତୃତ୍ୱରେ ୩ ଘଣ୍ଟାରେ ୨୦ଟି ଗାଡିରୁ ସର୍ବାଧିକ ୪ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିଲା। ହେଲେ ଧର୍ମଶାଳା ତହସିଲ ଅନ୍ତର୍ଗତ ଶତାଧିକ ବେଆଇନ ଖାଦାନରେ ଚାଲିଥିବା ମେଗା କ୍ରଶରରୁ ଓଭରଲୋଡିଂ ଗୋଟିଏ ବି ଗାଡି ଉପରେ ଚଢାଉ ହୋଇ ପାରିନାହିଁ। ଏଥିରୁ ଚଣ୍ଡିଖୋଲ ଆରଟିଓ କର୍ମଚାରୀଙ୍କ ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଡୋଶୀ ଢେଙ୍କାନାଳ ଜିଲା ଡଙ୍କାରୀ ଓ ରାଇଗଡା ପାହାଡ ସମେତ ରାହାଡପୁର, ବାଜବାଟି, ବିଛାଖଣ୍ଡି, ବଳରାମପୁର ପ୍ରଭୃତି ପାହାଡରୁ ପ୍ରତ୍ୟହ କ୍ଷମତାଠାରୁ ଅଧିକ ଗ୍ରାନାଇଟ ପଥର ବୋଝେଇ ହାଇୱା, ଟ୍ରକ ଆଦି ଗାଡି ଚଳାଚଳ କରୁଛି। ଏହାବାଦ ଜିଲାର ୫୩ ଓ ୧୬ ନମ୍ବର ଜାତୀୟ ରାଜପଥ ଦେଇ ବେଆଇନ ଗାଡି ପରିବହନ ସୀମା ଲଂଘିଛି। ଅନ୍ୟପକ୍ଷେ ରାହାଡପୁର ପାହାଡ଼ ପାଦଦେଶରେ ଥିବା ଏକାଧିକ ମେଗା କ୍ରଶରର ପଥର ଗୁଣ୍ଡ ଯୋଗୁ ନିକଟରେ ଥିବା ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ରଜଳସେଚନ ପ୍ରକଳ୍ପ ପ୍ରଭାବିତ ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆରଟିଓ ଲାଲମୋହନ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ବେଆଇନ ପରିବହନ ଉପରେ ବିଭାଗ ସତର୍କ ଦୃଷ୍ଟି ଦେଇଛି। ସମସ୍ତ ଗାଡି ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଜରିମାନା ଆଦାୟ କରାଯିବ।

### ବନ୍ଧଡିହ ପଞ୍ଚାୟତ ରିଟେଲରଙ୍କୁ ନେଇ ଗଣ୍ଡଗୋଳ

**ରସୁଲପୁର,୬।୯(ଡିଏନଏ)**

ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତରେ ବୁଧବାର ବିଳମ୍ବିତ ରାତିରେ ଗଣ୍ଡଗୋଳ ଉପୁଜିଛି। ରିଟେଲରକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏ ସମ୍ପର୍କରେ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବନ୍ଧଡିହ ଗ୍ରାମର ରିଟେଲର ରମେଶ ରଣାଙ୍କୁ ହଟାଇବା ପାଇଁ ସେହି ଗ୍ରାମ ଓ ସାହାପଡା ଗ୍ରାମର କେତେଜଣ ଯୁବକ ଦସ୍ତଖତ ଅଭିଯାନ ଜାରି ରଖିଥିଲେ। ଏ ସମ୍ପର୍କରେ ରମେଶଙ୍କ ସମ୍ପର୍କୀୟ ଜାଣିବା ପରେ ଗାଳିଗୁଲଜ କରିଥିଲେ। ଏହାକୁ ଶରତ ସାହୁଙ୍କ ପରିବାର ବିରୋଧ କରିବା ସହ ରମେଶଙ୍କୁ ମାଡ଼ ମାରିବାକୁ ଉଦ୍ୟତ ହୋଇଥିଲେ। ଏ ସମ୍ପର୍କରେ ଗୁରୁବାର ରମେଶ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ଶରତଙ୍କ ପରିବାର ପକ୍ଷରୁ ରିଟେଲରଙ୍କ ନାଁରେ ଆଉ ଏକ ଅଭିଯୋଗ କରାଯାଇଛି। ଉଭୟ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି। ମାମଲାର ଆପୋଷ ସମାଧାନ କରିବା ଦିଗରେ ସ୍ଥାନୀୟ ଅଞ୍ଚଳର ମୁରବୀମାନେ ପ୍ରୟାସ ଜାରି ରଖିଛନ୍ତି। ଘଟଣାକୁ ନେଇ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି ହେଲେ ଉତ୍ତେଜନା ଲାଗି ରହିଛି ବୋଲି ଜଣାପଡିଛି।

## ଟିଙ୍ଗୁଡ଼ିପାଳକୁ ହରାଇ କାଳିଆପାଣି ଚାମ୍ପିୟନ

**କାଳିଆପାଣି/ସୁକିନ୍ଦା,୬।୯(ଡି.ଏନ୍.ଏ.)**

ଖଣି ନିଗମ କାଳିଆପାଣି ଟାଉନ୍‌ଶିପ କଲୋନୀ ପଡ଼ିଆରେ ଚାଲିଥିବା (ଓଡ଼ିଶା ଖଣି ନିଗମ) ଓଏମ୍‌ସି କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ସେମିଫାଇନାଲ ମ୍ୟାଚ୍ କାଳିଆପାଣି ଫୁଟବଲ ଦଳ ଏବଂ ରାଁସୋଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାଳିଆପାଣି (୧-୦) ଗୋଲ୍‌ରେ ରାଁସୋଳକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଅପରାହ୍ନରେ କାଳିଆପାଣି ଓ ଟିଙ୍ଗୁଡ଼ିପା ପଞ୍ଚାୟତ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟସୀମାରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଶେଷରେ ପେନାଲ୍ଟିକ୍ ସଟ୍ ଆଉଟ ଜରିଆରେ କାଳିଆପାଣି ଟିଙ୍ଗୁଡ଼ିପାଳ ଦଳକୁ (୩-୧) ଗୋଲ୍‌ରେ ପରାସ୍ତ କରି ଚଳିତବର୍ଷ ପାଇଁ ଚାମ୍ପିୟନ ହୋଇଛି। ଆସୋଶେନ୍‌ର ସଂଯୋଜକ ପ୍ରଭାତ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହୋଇଥିଲା।



ଖେଳାଳିଙ୍କ ଗହଣରେ ବିଧାୟକ ପ୍ରୀତିରଞ୍ଜନ ଘଡାଇ ଓ ଅନ୍ୟମାନେ।

**ଓଏମ୍‌ସି କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଏଥିରେ ସୁକିନ୍ଦା ବିଧାୟକ ପ୍ରୀତୀରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେଭାବେ ଯୋଗଦେଇଥିଲେ। ଶ୍ରମିକ ସଙ୍ଗଠନ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଉପାଧକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲାପରିସଦ ସଭ୍ୟ ପ୍ରତାପ ଚନ୍ଦ୍ର ପାତ୍ର ଓ ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଉପଧକ୍ଷ ବିବେକା ବୋଷ, ଖଣି ନିଗମ ଡିଜିଏମ୍ ମନୋଜ ପତି, ପରିଚାଳକ କାଠି ପ୍ରଧାନ, ଇମ୍ପା କମ୍ପାନୀ ମାନବ ସମ୍ବଳ ବରିଷ୍ଠ ପରିଚାଳକ ଗିରଶ ପଟ୍ଟନାୟକ, ଲୋକ ସମ୍ପର୍କ ବରିଷ୍ଠ ପରିଚାଳକ ଜଗନ୍ନମୋହନ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜୟୀ ଓ ରନର୍ସ ଅଫ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ଅତିଥିମାନେ ପ୍ରଦାନ କରିଥିଲେ। ରାଁସୋଲ ସରପଞ୍ଚ ବିଶ୍ୱଜିତ ମହାନ୍ତି, କାଳିଆପାଣି ସରପଞ୍ଚ କଳ୍ପନା ଜେନା ପ୍ରମୁଖ ବହୁ ଜନପ୍ରତିନିଧି ଯୋଗଦେଇଥିଲେ। ପ୍ରଭାକର ବେହେରା, ଉତ୍କଳମଣୀ ବେହେରା, ସତ୍ପେଶ୍ୱର କଅଁର ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ । ଗୋଲକ ଦେହୁରୀ, ସଞ୍ଜୀବ ଚାତାର୍, ଦଳୀପ ସର୍ଦ୍ଦାର ସହଯୋଗ କରିଥିଲେ।

### ଭାଜପାରେ ଯୋଗଦେଲେ ଶ୍ରମିକ ନେତା ପ୍ରତାପ

**ଯାଜପୁର ଅଫିସ,୬।୯**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପ କାରଖାନାର ବରିଷ୍ଠ ଶ୍ରମିକ ନେତା ପ୍ରତାପ କୁମାର ଜେନା ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭୃଗୁ ବକ୍ସିପାତ୍ର, ସୁକିନ୍ଦା, କୋରେଇ ଓ ବଡଚଣା ବିଧାନସଭା ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ, ବିଶ୍ୱଜିତ ନାଏକ ଓ ଅମର ନାୟକ ପ୍ରମୁଖ ସୁକିନ୍ଦା ଅଞ୍ଚଳର ଶତାଧିକ କର୍ମୀଙ୍କ ଉପସ୍ଥିତିରେ ସେ ଏହି ଦଳରେ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦଳୀୟ ଉତ୍ତରୀୟ ପ୍ରଦାନ କରି ଶ୍ରମିକ ନେତା ଜେନାଙ୍କୁ ସ୍ୱାଗତ କରିଥିଲେ। ଶ୍ରମିକ ନେତା ଜେନା ୨୦୦୦ ମସିହାରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକଙ୍କୁ ଏକଜୁଟ କରି ବିଭିନ୍ନ ଦାବି ହାସଲ ପାଇଁ ଆନ୍ଦୋଳନ ଚଳାଇ ଆସୁଛନ୍ତି। ଏହାସହ ମାନବିକ ଅଧିକାର କର୍ମୀ ଓ ସାମାଜିକ କର୍ମୀ ହିସାବରେ ତାଙ୍କର ବହୁ ଘଟଣାବଳୀ ରହିଛି। ବିଶେଷ କରି ଦଳିତ ଆଦିବାସୀ, ଗରିବ ଲୋକଙ୍କ ବିକାଶ ପାଇଁ ସେ କାମ କରିବେ ବୋଲି ସୂଚନା ଦେଇଛନ୍ତି।

### ୨ଦିନ ଧରି ଜାତୀୟ ରାଜପଥ ଉପରେ ପଡ଼ିଛି ମଲା ଷଣ୍ଢ

## ଦୁର୍ଗନ୍ଧ ଯୋଗୁ ଯାତାୟାତରେ ଅସୁବିଧା

**ରସୁଲପୁର,୬।୯(ଡିଏନଏ)**

ରସୁଲପୁର ବ୍ଲକର ୧୬ନଂ ଜାତୀୟ ରାଜପଥର ଗୋପାଳପୁର ଛକ ନିକଟସ୍ଥ ବୈଷ୍ଣବ ଦେବୀ ପେଟ୍ରୋଲ ପମ୍ପ ସମ୍ମୁଖରେ ୨ଦିନ ହେଲା ଏକ ମଲା ଷଣ୍ଢ ପଡ଼ି ରହିଛି। ଏ ଦିଗରେ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ପଚା ଦୁର୍ଗନ୍ଧରେ ଯାତ୍ରୀଙ୍କ ନାକ ଫାଟି ପଡୁଛି। କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଜନସାଧାରଣଙ୍କୁ ଯାତାୟାତବେଳେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ପ୍ରକାଶ ଯେ, ବୁଧବାର ଏକ ଗାଡି ଷଣ୍ଢଟିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଷଣ୍ଢଟିର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ରାସ୍ତା ଉପରେ ମରି ପଡୁଥିବା ଜୀବଜନ୍ତୁଙ୍କୁ ଉଠାଇବା ପାଇଁ ପାଟ୍ରୋଲିଂ ବ୍ୟବସ୍ଥା ରହିଛି। ଦୈନିକ ରାଜପଥରେ ଏକାଧିକ କୁକୁର, ଗୋରୁ ମରି ପଡୁଛନ୍ତି। ତେବେ ରାଜପଥ ପାଟ୍ରୋଲିଂ ଗାଡି ଏଥିପ୍ରତି ଧାନ ଦେଉନାହିଁ। ପାଟ୍ରୋଲିଂ ଦାୟିତ୍ୱରେ ଥିବା



କର୍ମଚାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ରାଜପଥରେ ଯାତାୟତ ଅସୁରକ୍ଷିତ ହୋଇପଡୁଛି। ରାଜପଥରେ ସୃଷ୍ଟି ହେଉଥିବା ଖାଲଖମା ମରାମତି ହେଉ ଅବା ମଲା ଜୀବଜନ୍ତୁଙ୍କ ମୃତଦେହକୁ ଉଠାଇବାରେ କର୍ତ୍ତୃପକ୍ଷ ସର୍ବଦା ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି। କର୍ମଚାରୀଙ୍କ କାଳକ୍ଷେପଣ ନୀତି ଯୋଗୁ ଗମନାଗମନ ଅସୁରକ୍ଷିତ ହୋଇପଡୁଛି। ଏ ସବୁ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ■ ମହିଳାଙ୍କୁ ମାଡ଼ ମାରି ତଡ଼ିଦେଲେ ଶାଶୁଘର ଲୋକେ

## ଅଭିଯୋଗ ପରେ ଶିଶୁପୁତ୍ର ଫେରିପାଇଲେ ମା'

**ବିଞ୍ଝାରପୁର,୬।୯(ଡି.ଏନ.ଏ)**

ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ନିସ୍ଥୁକ ମାଡ ମାରି ଘରୁ ବାହାର କରିଦେବା ସହିତ ତାଙ୍କଠାରୁ ବର୍ଷକର ଶିଶୁକୁ ଛଡ଼ାଇ ରଖିବା ଭଳି ଘଟଣା ବିଞ୍ଝାରପୁର ବ୍ଲକରେ ଦେଖିବାକୁ ମିଳିଛି। ଏ ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହେବା ପରେ ବି ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି। ମଙ୍ଗଳପୁର ଥାନା ଷାଠିବାଟି ଅଞ୍ଚଳର ଅଲେଖ ମଲ୍ଲିକଙ୍କ ଝିଅ କାଜଲ(୨୧) ଦୁଇ ବର୍ଷ ପୂର୍ବରୁ ବିଞ୍ଝାରପୁର ଥାନା ପ୍ରୀତିପୁର ପଞ୍ଚାୟତର ଭାଗବତ ମଲ୍ଲିକଙ୍କ ପୁଅ ସୁରେନ୍ଦ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିବାବେଳେ ବିବାହ ପରେ ଅଧିକ ୧୦ହଜାର ଟଙ୍କା ଦାବି କରି ଶାଶୁଘର ଲୋକେ କାଜଲଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଗୁରୁବାର ଏହି ଘଟଣାକୁ କେନ୍ଦ୍ରକରି କାଜଲଙ୍କ ସ୍ୱାମୀ, ଶାଶୁ ଓ ନଣନ୍ଦ କାଜଲଙ୍କ ବର୍ଷକର ଶିଶୁପୁତ୍ରକୁ ରଖି କାଜଲଙ୍କୁ ପିଟି ପିଟି ତଡି ଦେଇଥିଲେ। ଏହାପରେ କାଜଲ ଭୟଭୀତ ହୋଇ ଅଳକୁଣ୍ଡ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ପକ୍ଷରୁ କାଜଲଙ୍କ ଶାଶୁ ଘର ଲୋକଙ୍କୁ ଡକାଯାଇଥିଲେ ମଧ ସେମାନେ ପୋଲିସ କଥା ଶୁଣି ନ ଥିଲେ କିମ୍ବା କାଜଲଙ୍କୁ ଶିଶୁପୁତ୍ରକୁ ଦେଇ ନ ଥିଲେ। ଗୁରୁବାର ସନ୍ଧ୍ୟାରେ କାଜଲ ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ କାଜଲଙ୍କ ଶାଶୁଘରୁ ତାଙ୍କ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇ କାଜଲଙ୍କୁ ଦିଆଯାଇଥିଲା। ମାତ୍ର ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପରିବର୍ତ୍ତେ କାଜଲଙ୍କ ଶାଶୁଘର ଲୋକଙ୍କୁ ସୁରକ୍ଷା ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଶୁକ୍ରବାର କାଜୋଲଙ୍କ ଶାଶୁଘରକୁ ଯାଇ ସେ ବିବାହ ସମୟରେ ଆଣିଥିବା ଯୌତୁକକୁ ତାଙ୍କ ବାପଘରକୁ ପଠାଇ ଦେଇଛି। ଅଭିଯୁକ୍ତଙ୍କ ବିରୋଧରେ ବିଞ୍ଝାରପୁର ଥାନାରେ ଏକ ମାମଲା (ନଂ. ୨୧୯/୧୯ ) ରୁଜୁ ହୋଇଥିଲେ ମଧ ପୋଲିସ କାହାରିକୁ ଗିରଫ କରିନାହିଁ। ଫଳରେ ପୋଲିସ ଭୂମିକା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏଏସଆଇ ଅଶୋକ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ଏହି ଘଟଣାରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ■ ବିଞ୍ଝାରପୁର ପଞ୍ଚାୟତ ସମିତିର ଷଷ୍ଠ ବୈଠକ

## ସନ୍ତୋଷଜନକ ଉତ୍ତର ରଖିପାରିଲେନି ସିଡିପିଓ, ବର୍ଷିଲେ ବିଧାୟିକା

**ବିଞ୍ଝାରପୁର,୬।୯(ଡି.ଏନ.ଏ)**

ବିଞ୍ଝାରପୁର ପଞ୍ଚାୟତ ସମିତିର ୬ଷ୍ଠତମ ସାଧାରଣ ବୈଠକ ଶୁକ୍ରବାର ପୂର୍ବାହ୍ନରେ ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ଅଧକ୍ଷ ନନ୍ଦ କିଶୋର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଞ୍ଝାରପୁର ବିଧାୟିକା ତଥା ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଭାରପ୍ରାପ୍ତ ବିଡିଓ ମିନତୀ ଜଗଦେବ, ଉପାଧକ୍ଷା କୁମୁଦିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, କୃଷି, ସମନ୍ୱିତ ଶିଶୁ ବିକାଶ ଉପରେ ଆଲୋଚନା ହୋଇଥିଲା। ସିଡିପିଓ ବିଭିନ୍ନ ଅଭିଯୋଗ ଉପରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ଉପରେ ବିଧାୟିକା ମଲ୍ଲିକ ବର୍ଷିଥିବା ଜଣାପଡ଼ିଛି। ବୈଠକ ଆରମ୍ଭରେ ବ୍ଲକର ପୂର୍ବତନ ଅଧକ୍ଷ ସ୍ୱର୍ଗତ ପଦ୍ମଚରଣ ମଲ୍ଲିକଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ପଞ୍ଚାୟତ ସମିତି ପକ୍ଷରୁ ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ପ୍ରଥମେ ଏମ୍‌ଜିଏନ୍‌ଆରଇଜିଏସ୍ ଉପରେ ଆଲୋଚନା କରାଯାଇଥିଲା। ବ୍ଲକର ଅରେଇ ଓ ଶାସନା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଭଲ ପ୍ରଦର୍ଶନ ହୋଇ ନ ଥିବା ଏପିଓ ସୁନିତା ନାୟକ ସୂଚନା ଦେଇଥିଲେ। ଅରେଇ ସରପଞ୍ଚ ଅଶୋକ ମଲ୍ଲିକଙ୍କ ସମେତ ଫତେପୁର ସମିତିସଭ୍ୟ ଖଗେଶ୍ୱର ସାହୁ, ଆଉଁରୀ ସରପଞ୍ଚ ସମରେନ୍ଦ୍ର ସାହୁ ପ୍ରମୁଖ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଲାଗୁ କରାଯାଇଥିବା ନିୟମ ସମ୍ପର୍କରେ ପ୍ରଶ୍ନ କରିବା ସହିତ ସର୍ବନିମ୍ନ ମଜୁରି ବୃଦ୍ଧି କରିବାକୁ ଦାବି କରିଥିଲେ। ପାନୀୟ ଜଳ ଓ ପରିମଳ ବିଭାଗ ସମ୍ପର୍କରେ ବିଧାୟିକା ପ୍ରମିଳା ମଲ୍ଲିକ ପ୍ରକାଶ କରିଥିଲେ। ବ୍ଲକର ୨୯ ପଞ୍ଚାୟତର ଲୋକଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଞ୍ଝାରପୁରର ସୟଦପୁର ଛକ ନିକଟରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ଏହାଦ୍ୱାରା ୨୯ ପଞ୍ଚାୟତର ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ ବୋଲି ବିଧାୟିକା ସୂଚନା ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଅଚଳ ନଳକୂପ ଓ ଗଡିଆ, ପୋଖରୀର ପୁନରୁଦ୍ଧାର ପାଇଁ ସରପଞ୍ଚ ସମିତିସଭ୍ୟମାନେ ଦାବି କରିଥିଲେ। ବିଭାଗ ପକ୍ଷରୁ ଜରୁରୀକାଳିନ ଭିତ୍ତିରେ ଆବଶ୍ୟକ ଥିବା ପୋଖରୀ ପୁନରୁଦ୍ଧାର କରିବାକୁ ବୈଠକରେ ବିଧାୟିକା ଓ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ରୋଗୀମାନେ ଡାକ୍ତରଖାନାକୁ ଆସି ଅସୁବିଧାର ସମ୍ମୁଖୀନ ହେଉଥିବା ଓଳେଇ ଚନ୍ଦନପୁର ସରପଞ୍ଚ ସୌଭାଗ୍ୟ ମହାପାତ୍ର, ଆଉଁରୀ ସରପଞ୍ଚ ସମରେନ୍ଦ୍ର ସାହୁ, କଏଣା ରଘୁନାଥପୁର ସମିତିସଭ୍ୟ ମାନସ ଦାସ, ବରପଦା ସରପଞ୍ଚ ମନ୍ଦାକିନୀ ଧଳ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରଗୁଡିକ ଠିକଭାବେ ପରିଚାଳିତ ହେଉ ନ ଥିବାବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲି ଯୋଗୁ ଅନେକ ସ୍ଥାନରେ ଅଙ୍ଗନୱାଡି ଗୃହ ଅଧାପନ୍ତରିଆ ହୋଇପଡି ରହିଥିବା ବୈଠକରେ ଅଭିଯୋଗ ହୋଇଥିଲା। ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନରେ ଅନିୟମିତତା ହୋଇଥିବା ଚିକଣା ସରପଞ୍ଚ ଧ୍ରୁବଚରଣ ସେଠୀ, ଜିଲାପରିଷଦ ସଭ୍ୟା ସୁଷମା ସେଠୀ ପ୍ରମୁଖ କହିଥିଲେ। ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀ ଏହି ସବୁ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ରଖିପାରି ନ ଥିଲେ। ଫଳରେ ବିଧାୟିକା କ୍ଷୋଭ ପ୍ରକାଶ କରି ବର୍ଷିଥିଲେ। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଏମ୍‌ପି ଶର୍ମିଷ୍ଠା ସେଠୀ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଅଧିକାରୀମାନେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ବିଦ୍ୟାଳୟରେ ଥିବା ସମସ୍ୟା ସମାଧାନ କରିବାକୁ ସେ ପ୍ରକାଶ କରିଥିଲେ। ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଏକ ସେଣ୍ଟ୍ରାଲ ସ୍କୁଲ ଖୋଲିବାକୁ ବୈଠକରେ ବିଧାୟିକା ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ନିକଟରେ ଦାବି କରିଥିଲେ। ଏହି ପ୍ରସ୍ତାବକୁ ବୈଠକରେ ସମସ୍ତ ସରପଞ୍ଚ ଓ ସମିତିସଭ୍ୟମାନେ ସମର୍ଥନ କରିଥିଲେ। ଏମ୍‌ପି ମଧ ଏଠାରେ ଏକ ସେଣ୍ଟ୍ରାଲ ସ୍କୁଲ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯୋଗାଣ, କୃଷି, ଉଦ୍ୟାନ, ବିଦ୍ୟୁତ୍ ଆଦି ବିଭାଗ ଉପରେ ଗୃହରେ ଆଲୋଚନା ହୋଇଥିଲା। ବୈଠକରେ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମଲ, ଯୋଗାଣ ଅଧିକାରିଣୀ ଶୁଭାଙ୍ଗୀରାୟ, ବିଦ୍ୟୁତ୍ ବିଭାଗର ଏସଡିଓ ଅସିତ୍ କୁମାର ପ୍ରଧାନ, ଅନୀଲ କୁମାର ସାମଲ, ତୃପ୍ତାଞ୍ଜଳି ରଥ, ଡ୍ରେନେଜ ବିଭାଗର ଏସଡିଓ ଅଧର କୁମାର ଯେନା, ଜନସ୍ୱାସ୍ଥ୍ୟ ଅଧିକାରୀ ରଜତ କୁମାର କର, ସରପଞ୍ଚ ରାମଚନ୍ଦ୍ର ବେହେରା, ତରୁଣ କୁମାର ସାହୁ, ନିଗମାନନ୍ଦ ଭଦ୍ର, ରବୀନ୍ଦ୍ର କୁମାର ଧଳ ପ୍ରମୁଖ ଯୋଗ ଦେଇଥିଲେ ।



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ପିଲାଙ୍କ ସ୍ୱାସ୍ଥ୍ୟ ଶିବିର



ନୟାଗଡ଼ ଅଫିସ/ଭାପୁର(ଡି.ଏନ.ଏ.), ୬।୯- ନୟାଗଡ଼ ଜିଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଫିଜିଓ ଥେରାପି, ମାନସିକ ଚିକିତ୍ସା, ଦନ୍ତ ଚିକିତ୍ସା, ବାକ୍ ଚିକିତ୍ସା, ଶ୍ରବଣ ଚିକିତ୍ସା ପାଇଁ ଶିବିରରେ ଯୋଗଦେଇଥିବା ବ୍ଲକର ୭୧ ଜଣ ଦିବ୍ୟାଙ୍ଗ ପିଲାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଦିବ୍ୟାଙ୍ଗ ପିଲାମାନଙ୍କ ରୋଗ ଚିହ୍ନଟ କରାଯାଇ ଉପଚାର ନିୟମିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ କେନ୍ଦ୍ରରେ ଚିକିତ୍ସିତ ହୋଇଥିବା ପିଲାମାନେ ପ୍ରତି ମାସ ନିର୍ଦ୍ଧାରିତ ଦିନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜିଲା ଆଶୁ ମଧକ୍ଷେପ କେନ୍ଦ୍ର (ଡିଇଆଇସି)ରେ ନିୟମିତ ଉପଚାର ପାଇପାରିବେ। କାର୍ଯ୍ୟକ୍ରମକୁ ଆରବିଏସ୍‌କେ ମ୍ୟାନେଜର, ବ୍ଲକ ପ୍ରୋଗ୍ରାମ୍ ୟୁନିଟ୍, ମେଡ଼ିକାଲ୍ ହେଲ୍‌ଥ ଟିମ୍ ଓ ଡିଇଆଇସି ବିଶେଷଜ୍ଞମାନେ ପରିଚାଳନା କରିଥିଲେ।

■ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

# ଧାର୍ଯ୍ୟ ସମୟରେ କାମ ଶେଷ ପାଇଁ ନିର୍ଦ୍ଦେଶ

ନୟାଗଡ଼ ଅଫିସ, ୬।୯





ବୈଠକରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

■ କାଳିଆ ଯୋଜନାରେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଲେ କର୍ମଚାରୀଙ୍କ ଉପରେ ନିଆଯିବ କାର୍ଯ୍ୟାନୁଷ୍ଠାନ

ନୟାଗଡ ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଡିଆରଡିଏସ୍ଥିତ ସୃଜନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ତଥା କୃଷି ଓ ଉଚ୍ଚଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଡା. ପୋମା ଟୁଡୁ, ଡିଏଫଓ ଧନରାଜ ଏଚଡ଼ି, ପିଡି (ଡିଆରଡିଏ) ସୁବାସ ଚନ୍ଦ୍ର ରାୟ, ଏସ୍‌ପି ଶଶିଭୂଷଣ ଶତପଥୀ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ସାହୁ ନିଜ ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। କେଉଁ କେଉଁ ପ୍ରକଳ୍ପ ଦ୍ୱାରା ଚାଷୀମାନଙ୍କ ଉନ୍ନତି ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା କରିଥିଲେ। ପ୍ରଥମେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ବିଭାଗର ସମୀକ୍ଷା କରି ଗୋରୁ ଆଦି ପ୍ରାଣୀମାନଙ୍କ ପାଇଁ ଆବଶ୍ୟକ ଇଂଜେକସନ୍ ଓ ଔଷଧପତ୍ର ସମ୍ପର୍କରେ ପଚାରି ବୁଝିଥିଲେ । ନୟାଗଡ଼ରେ ଓମଫେଡ୍ ଏବଂ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସମ୍ପର୍କରେ ସମସ୍ତ ତଥ୍ୟ ସାତଦିନ ମଧ୍ୟରେ ଜିଲାପାଳଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଡ. ଟୁଡୁ ଏମଜିଏନଆରଇଜିଏସ୍ ମାଧ୍ୟମରେ ଗାଈ ଓ ଛେଳିଙ୍କ ଗୁହାଳ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ପୂର୍ତ୍ତବିଭାଗ ଅଧୀନରେ ନୟାଗଡ଼ ବ୍ଲକର ୨ଟି ସ୍ଥାନରେ ପୋଲ ହେବା ପାଇଁ ପ୍ରସ୍ତାବ ଦିଆଯାଇଛି। ନିର୍ମାଣ ଶ୍ରମିକ ଯୋଜନାରେ ଶ୍ରମିକମାନଙ୍କୁ ତୁରନ୍ତ ପଞ୍ଜୀକୃତ କରିବା ପାଇଁ ମନ୍ତ୍ରୀ ସାହୁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଠା ଜଳସେଚନ ବିଭାଗ ପକ୍ଷରୁ ନୟାଗଡ ନିର୍ବାଚନମଣ୍ଡଳୀରେ ୧୧୬ଟି ପ୍ରକଳ୍ପ ହୋଇଥିବା ବେଳେ ସେଥିରୁ ୮୩ଟି କାର୍ଯ୍ୟକ୍ଷମ ଓ ୩୩ଟି ଅଚଳ ହୋଇପଡ଼ିଛି। ଅଚଳ ପ୍ରକଳ୍ପକୁ ସଚଳ କରିବା ପାଇଁ ମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ନୟାଗଡ ନିର୍ବାଚନମଣ୍ଡଳୀରେ ଆଉ ୧୧ଟି ଚେକ ଡ୍ୟାମ୍ କରିବା ପାଇଁ ବିଭାଗକୁ ପ୍ରସ୍ତାବ ଦେଇଥିବା ଅଧିକାରୀ ଦର୍ଶାଇଥିଲେ। ଚେକ୍‌ଡ୍ୟାମ୍ ହୋଇଥିବା ସ୍ଥାନକୁ ଅଧିକାରୀ କିମ୍ବା କର୍ମଚାରୀ ଯାଉ ନ ଥିବାରୁ ଏହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା ମନ୍ତ୍ରୀ ସାହୁ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୬୪ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ରହିଥିବା ବେଳେ ସେଥିରୁ ୨୬ ଜଣ ଡାକ୍ତର ନିଯୁକ୍ତ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଯେଉଁ କର୍ମଚାରୀ କିମ୍ବା ଡାକ୍ତର ଲାଞ୍ଚ ନେଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମନ୍ତ୍ରୀ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତରେ ପିଇଓ ଏବଂ ସରପଞ୍ଚମାନେ ଦୁର୍ନୀତି କରୁଥିବା ଜଣାପଡ଼ିଲେ ବିଡିଓମାନେ ଥାନାରେ ଅଭିଯୋଗ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି କାଳିଆ ଯୋଜନାରେ ଯଦି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେ ତା'ହେଲେ ବିଭାଗୀୟ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ମିଶନ ଶକ୍ତିର ଟାର୍ଗେଟ୍ ପୂରଣ କରିବା ସହିତ ସେମାନଙ୍କ ଆୟ ବୃଦ୍ଧି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବ୍ୟାଙ୍କରୁ ଋଣ ପାଇ ତାହାକୁ ଠିକ୍‌ରେ ବିନିଯୋଗ କରିବା ପାଇଁ କହିଥିଲେ । ପୂର୍ତ୍ତ ବିଭାଗ, ଆର୍‌ଡି , ଜଳସମ୍ପଦ, କ୍ଷୁଦ୍ର ଜଳସେଚନ, ଗ୍ରାମ୍ୟଜଳ ଯୋଗାଣ ପରିମଳ ଓ ପାନୀୟ ଜଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଉଠା ଜଳସେଚନ ବିଭାଗ ଏ ବର୍ଷର ଯେଉଁ ପ୍ରକଳ୍ପ ପାଇଁ ଯାହା ଅର୍ଥ ମଞ୍ଜୁର ହୋଇଛି ତାହା ଖର୍ଚ୍ଚ କରନ୍ତୁ। ଟେଣ୍ଡର ହେଲା ପରେ ଲକ୍ଷ୍ୟଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ କହିଥିଲେ। ଯଦି କେଉଁ ଏଜେନ୍ସି କାମ କରୁନାହିଁ, ତା' ହେଲେ ତାଙ୍କୁ ଚେତବାନୀ ଦିଅନ୍ତୁ ଓ ପରେ ଉକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ (ବ୍ଲାକ୍ ଲିଷ୍ଟ) କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକର ଯେଉଁ ସବୁ କାମ ପାଇଁ ଅର୍ଥ ଆସୁଛି, ତାହାକୁ କିପରି ସମ୍ପୂର୍ଣ୍ଣ କରାଯିବ ସେ ନେଇ ବିଡିଓମାନେ ଧ୍ୟାନ ଦେବାକୁ କହିଥିଲେ। ନିର୍ବାଚନମଣ୍ଡଳୀରେ ହୋଇଥିବା କଲ୍ୟାଣମଣ୍ଡପର କିପରି ସଦୁପଯୋଗ ହୋଇପାରିବ ସେ ଦିଗ ପ୍ରତି ମଧ୍ୟ ବିଡିଓମାନେ ଦୃଷ୍ଟି ଦେବା ପାଇଁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ ଗୁରୁତ୍ୱ ଦେଇ ସମସ୍ତ ବିଭାଗ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।



### ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣା: ଡ୍ରାଇଭର ଗୁରୁତର

ଦଶପଲ୍ଲା, ୬।୯(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଡମାହାଣ୍ଡି ଛକ ଠାରେ ଶୁକ୍ରବାର ଭୋର ସମୟରେ ଏକ ସିମେଣ୍ଟ ଗୋଦାମରେ ୧୦୮ ଆମ୍ବୁଲାନ୍ସ ଧକ୍କା ହୋଇଥିଲା। ଫଳରେ ଗାଡି ଡ୍ରାଇଭର ଅମ୍ଳାନ ପରିଡା ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଦଶପଲ୍ଲା ଡାକ୍ତରଖାନାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ନେଇ ଆମ୍ବୁଲାନ୍ସ ସେଠାରୁ ଦଶପଲ୍ଲା ଫେରୁଥିଲା। ଏହି ସମୟରେ ଖୋର୍ଦ୍ଧା- ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଖମାରସାହି ନିକଟସ୍ଥ ଡମାହାଣ୍ଡି ଛକଠାରେ ଥିବା ଏକ ସିମେଣ୍ଟ ଗୋଦାମ ଉପରକୁ ଗାଡି ଚଢିଯାଇଥିଲା। ଫଳରେ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ଭାଙ୍ଗିରୁଜି ଯାଇଥିବାବେଳେ ଡ୍ରାଇଭର ଗୁରୁତର ହୋଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

■ ରଣପୁର ତହସିଲରେ ଜାଲ୍ ଦଲିଲରେ ପଟ୍ଟା ପ୍ରଦାନ ଘଟଣା

# ଅତିରିକ୍ତ ତହସିଲଦାର, ମୁଖ୍ୟ ଅଭିଯୁକ୍ତଙ୍କ ନାଁରେ ମାମଲା

ରଣପୁର, ୬।୯(ସ୍ୱ.ପ୍ର.)

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୋଲିସ ତତ୍ପର**

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନୟାଗଡ ଜିଲାର ରଣପୁର ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହୋଇଛି । ଜାଲ ଦଲିଲରେ ପଟ୍ଟା କରିଥିବା ମୁଖ୍ୟ ଅଭିଯୁକ୍ତ ବିପିନଙ୍କ ସମେତ ରଣପୁର ଅତିରିକ୍ତ ତହସିଲଦାର ମାନସ ରାୟ ଓ ତହସିଲର ଅନ୍ୟ କର୍ମଚାରୀଙ୍କ ନାଁରେ ଆଇପିସି ଦଫା ୪୬୫, ୪୬୭, ୪୬୮, ୪୭୭(ଏ), ୪୨୦, ୨୯୪, ୫୦୬, ୧୨୦(ବି)ରେ ଗତ ୫ତାରିଖରେ ମାମଲା (ନଂ.୧୮୭/୧୯) ରୁଜୁ କରିଛି।

ଅଭିଯୋଗ ଅନୁସାରେ ରଣପୁର ତହସିଲ ବାଙ୍କପୁର ଗାଁର ସ୍ୱର୍ଗତ ଦାଶରଥି ଜେନା ଓ କୁମୁଦୁନୀ ଜେନାଙ୍କ ୨ ପୁଅ ଓ ୩ ଝିଅ ଅଛନ୍ତି। ଦାଶରଥି ଓ କୁମୁଦୁନୀଙ୍କ ନାଁରେ ଥିବା ସମ୍ପତ୍ତି ବଡଭାଇ ବିପିନ ଜାଲିଆତି କରି ନିଜ ନାଁରେ କରାଇ ନେଇଥିଲେ। ପରେ ସେ ସାନଭାଇ ବିଜିନିଙ୍କୁ ଘରୁ ତଡି ଦେଇଥିଲେ। ବିଜିନି ଘଟଣାର ତଦନ୍ତ ପାଇଁ ରଣପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଦଲିଲର ସାର୍ଟିଫାଏଡ୍ କପି ମାଗିଥିଲେ। ଏଥିରେ ଜାଲିଆତି କରି ଘରବାରି, କୋଠା ଓ ଜମିକୁ ବଡଭାଇ ନିଜ ନାଁରେ କରାଇ ନେଇଥିବା ବିଜିନି ଜାଣିପାରିଥିଲେ । ପରେ ସେ ୧୭।୧।୨୦୧୮ରେ ସୂଚନା ଅଧିକାର ଆଇନ ଅନୁସାରେ ତହସିଲ କାର୍ଯ୍ୟାଳୟକୁ ଜମି ଜାଲିଆତିର ପ୍ରମାଣ ମାଗିଥିଲେ। ହେଲେ ତହସିଲ କର୍ତ୍ତୃପକ୍ଷ ଚୁପ ରହିଥିଲେ । ପରେ ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏ ସମ୍ପର୍କରେ ୨୦୧୯ ଜାନୁୟାରୀ ୨୧ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ଏହାର ତଦନ୍ତ କରାଯାଇ ଜମି ପଟ୍ଟା ଖାରଜ ହୋଇଥିଲା। ଏପରି କି ଘରର ମୁଖିଆ ବାପାଙ୍କ ନାଁକୁ ସମ୍ପତ୍ତି ଚାଲି ଆସିଥିଲା। ହେଲେ ଆଇନଗତ ଦିଗକୁ ତହସିଲ କର୍ତ୍ତୃପକ୍ଷ ଭୁଲିଯାଇ ନୂଆ ପଟ୍ଟା ପ୍ରଦାନ କରି ଚୁପ ହୋଇ ରହିଗଲେ। ଅଭିଯୋଗକାରୀ ନ୍ୟାୟ ପାଇଁ ରଣପୁର ଥାନା ଓ ନୟାଗଡ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ । ହେଲେ ସୁଫଳ ମିଳି ନ ଥିଲା। ଶେଷରେ ବିଜିନି ହାଇକୋର୍ଟରେ ଆଶ୍ରୟ ନେଇଥିଲେ । ହାଇକୋର୍ଟ ଅଭିଯୋଗକୁ ଗ୍ରହଣ କରି କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ୪ ସପ୍ତାହ ମଧ୍ୟରେ ଜଣାଇବାକୁ ପିଆରଏଲ୍‌ଏନ୍‌ଟି ନଂ.୧୦୯୦/୨୮।୮।୨୦୧୯ରେ ମୁଖ୍ୟ ସଚିବ ଗୃହ ବିଭାଗ, ଡିଜିପି କଟକ, ନୟାଗଡ଼ ଏସ୍‌ପି, ରଣପୁର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଣପୁର ପୋଲିସ ବିଜିନିଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରି ତଦନ୍ତ ତ୍ୱରାନ୍ୱିତ କରିଛି। ଧରିତ୍ରୀ ଯୋଗୁ ତାଙ୍କୁ ନ୍ୟାୟ ମିଳିଲା ବୋଲି ବିଜିନି କହିଛନ୍ତି।

### ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୬।୯(ଡି.ଏନ.ଏ.)

ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ନିକଟ ତଥା ସୁବାସ ମାର୍ଗ ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତ ଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ସ୍ଥାନୀୟ ନିମିଖେତା ଗ୍ରାମର ବୁଲୁ ପ୍ରହରାଜ। ସୁବାସ ମାର୍ଗ ରାସ୍ତାପାର୍ଶ୍ୱରେ ମୃତ ଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ବାଲୁଗାଁ ଅଗ୍ନିଶମ ବିଭାଗୀୟ କର୍ମଚାରୀ ପହଞ୍ଚି ପୋଲିସ୍ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଥିଲେ । ତଦନ୍ତ ପରେ ମୃତକ ନିମିଖେତା ଗ୍ରାମର ବୁଲୁ ପ୍ରହରାଜ ବୋଲି ଜଣାପଡ଼ିଥିଲା । ଦୁଇଦିନ ପୂର୍ବରୁ ବୁଲୁ ଘରୁ କେଉଁଆଡ଼େ ନିଖୋଜ ହୋଇଯାଇଥିବା ବେଳେ ଶୁକ୍ରବାର ତାଙ୍କ ମୃତଦେହ ଦେଖି ପରିବାର ଲୋକେ ସହଜରେ ବିଶ୍ୱାସ କରିପାରି ନ ଥିଲେ । ମୃତ୍ୟୁକୁ ନେଇ ସନ୍ଦେହ ଉପୁଜୁଛି । ବାଲୁଗାଁ ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏ ନେଇ ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି।

### ବାଲୁଗାଁ ବଜାରରୁ ବାଇକ୍ ଚୋରି

ବାଲୁଗାଁ,୬।୯(ଡି.ଏନ.ଏ.)

ବାଲୁଗାଁ ବଜାର ଗାନ୍ଧୀ ଛକ ନିକଟରେ ଥିବା ଜଣେ ବ୍ୟବସାୟୀଙ୍କ ବାଇକ୍‌ଟିକୁ କେହି ଦୁର୍ବୃତ୍ତ ଗୁରୁବାର ସନ୍ଧ୍ୟାରେ ଚୋରି କରିନେଇଛନ୍ତି। ସ୍ଥାନୀୟ ପାତ୍ର କଲୋନୀ ଅଞ୍ଚଳରେ ରହୁଥିବା ବ୍ୟବସାୟୀ ବି. ରାମଚନ୍ଦ୍ର ପାତ୍ର ନିଜ ଦୋକାନ ଆଗରେ ବାଇକ୍ ରଖିଥିବାବେଳେ କେହି ଦୁର୍ବୃତ୍ତ ବାଇକ୍ ଲୁଟିନେଇଛନ୍ତି। କିଛି ସମୟ ପରେ ବ୍ୟବସାୟୀ ଜଣକ ବାଇକ୍ ଚୋରି ହୋଇଥିବା ଜାଣିଥିଲେ। ଏ ନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି।

■ ନୂଆ ମୋଟର ଯାନ ଆଇନ ଭୟ

# ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ, ଯାତ୍ରୀ ହନ୍ତସନ୍ତ

ଗଣିଆ, ୬।୯(ଡି.ଏନ.ଏ.)



ଡିମିରିଛକରେ ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ।

ଗତ ସେପ୍ଟେମ୍ବର ୧ତାରିଖରୁ ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗାଡିମୋଟର ଚେକିଂ, ବ୍ଲକିଂ ଓ ଧରପଗଡକୁ ଜୋରଦାର କରାଯାଇଛି । ନୂଆ ଆଇନ ଅନୁଯାୟୀ ୧୦ ଗୁଣା ଅଧିକ ଜରିମାନା ଆଦାୟ ହେଉଥିବାରୁ ବାଇକ୍ ଆରୋହୀଙ୍କଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍ ମାଲିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । କୌଣସି କାର୍ଯ୍ୟରେ ବାହାରକୁ ଯିବାକୁ ଥିଲେ ମଧ୍ୟ ଲୋକେ ସେମାନଙ୍କ ବାଇକ୍ ବାହାର କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେତେକ ଘରୋଇ ଯାତ୍ରୀବାହୀ ବସ୍ ମାଲିକ ବସ୍‌ଗୁଡିକ ଯାଉଥିବା ରୁଟ୍‌ରେ ଚଳାଚଳ ବନ୍ଦ କରିଦେଇଛନ୍ତି। ଫଳରେ ଗତ ୨ଦିନ ଧରି ଦୂରସ୍ଥାନକୁ ଯିବାକୁ ଥିବା ବହୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାଗଡ଼ ଜିଲା ଗଣିଆ ଅଞ୍ଚଳରେ ଏହିଭଳି ସମସ୍ୟା ଦେଖିବାକୁ ମିଳିଛି । ପ୍ରତ୍ୟହ ସକାଳୁ ବ୍ଲକର ଛାମୁଣ୍ଡିଆଠାରୁ ଭୁବନେଶ୍ୱର ୨ଟି ଘରୋଇ ଯାତ୍ରୀବାହୀ ବସ୍ ଚଳାଚଳ କରିଥାଏ। ହେଲେ କିଛିଦିନ ହେଲା ବସ୍‌ଗୁଡିକ ଚଳାଚଳ କରୁ ନ ଥିବାରୁ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳକୁ ଯାଇପାରୁ ନାହାନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ରାଜିଙ୍ଗି ଯାଉଥିବା ଏକମାତ୍ର ଘରୋଇ ବସରେ ଯାତ୍ରୀଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ଧରପଗଡ ଭୟରେ କେତେକ ଯାତ୍ରୀବାହୀ ଅଟୋ ଚଳାଚଳ କରୁ ନ ଥିବା ବେଳେ ଆଉ କେତେକ ଅଟୋ ୩ଜଣରୁ ଅଧିକ ଯାତ୍ରୀ ବସାଉ ନ ଥିବା ଦେଖାଯାଉଛି। ସେହିପରି କେତେକ ବାଇକ୍ ଆରୋହୀ ପୁରୁଣା ହେଲ୍‌ମେଟଗୁଡିକୁ ସଜାଡୁଥିବା ବେଳେ ଆଉ କେତେକ ନୂଆ ହେଲ୍‌ମେଟ କିଣିବା ପାଇଁ ଦୋକାନରେ ଗହଳି ଲଗାଉଛନ୍ତି।

# ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ନୟାଗଡ଼ ଅଫିସ,୬।୯

ନୟାଗଡ଼ଜିଲା ଇଟାମାଟିଥାନା ସାନପଣ୍ଡୁସର ଗ୍ରାମରେ ଅଧିକ ଯୌତୁକ ଦାବିରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି । ମୃତ ମହିଳା ହେଲେ ଲକ୍ଷ୍ମୀପ୍ରିୟା ସାହୁ। ପୋଲିସ ଏହି ଘଟଣାରେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଚତୁର୍ଭୁଜ ବେହେରାଙ୍କୁ ଗିରଫ କରିଛି। ଥାନା ସୂତ୍ରରୁ ପ୍ରକାଶ, ପୁରୁଷୋତ୍ତମପୁର ଗ୍ରାମର ଲକ୍ଷ୍ମୀପ୍ରିୟା ୧୨ ବର୍ଷ ତଳେ ସାନପଣ୍ଡୁସର ଗ୍ରାମର ଚତୁର୍ଭୁଜଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇପୁଅ ଅଛନ୍ତି । ଗତ କିଛିବର୍ଷ ହେଲାଣି ବାପଘରୁ ଅଧିକ ଟଙ୍କା ଆଣିବା ପାଇଁ ଚତୁର୍ଭୁଜ ଲକ୍ଷ୍ମୀପ୍ରିୟାଙ୍କୁ ଚାପ ପକାଇ ଆସୁଥିଲେ। ଏଥିନେଇ ଲକ୍ଷ୍ମୀପ୍ରିୟା ମାନସିକ ଚିନ୍ତାରେ ରହିବା ସହିତ ବାପ ଘରକୁ ଜଣାଇଥିଲେ। ଗୁରୁବାର ଚତୁର୍ଭୁଜ ଲକ୍ଷ୍ମୀପ୍ରିୟାଙ୍କୁ ମାଡ଼ ମାରି ଘରୁ ତଡି ଦେଇଥିଲେ। ବାପଘରୁ ଟଙ୍କା ଆଣି ଘରକୁ ଆସିବା ପାଇଁ କହିଥିଲେ। ଘରେ ଯାଇ ପହଞ୍ଚିବା ପରେ ଲକ୍ଷ୍ମୀପ୍ରିୟାଙ୍କ ଭାଇ ବାଇଧର ସାହୁ ଘରେ ଟଙ୍କା ନ ଥିବା ଜଣାଇ ଭଉଣୀଙ୍କୁ ବୁଝାଶୁଝା କରି ପଠାଇ ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଚତୁର୍ଭୁଜ ଲକ୍ଷ୍ମୀପ୍ରିୟାଙ୍କ ବାପଘର ଲୋକଙ୍କୁ ତୁମ ଝିଅ ଆତ୍ମହତ୍ୟା କରି ଥିବା ନେଇ ଫୋନ୍‌ରେ ଜଣାଇଥିଲେ। ଏହା ପରେ ବାଇଧର ଇଟାମାଟି ଥାନାରେ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଇଟାମାଟି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲକ୍ଷ୍ମୀପ୍ରିୟାଙ୍କ ବେକରେ ଦାଗ ଥିବାରୁ ତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ସନ୍ଦେହ କରିଥିଲା। ପରେ ଏହି ଘଟଣାରେ ଚତୁର୍ଭୁଜଙ୍କୁ ଗିରଫ କରାଯାଇଥିବା ବେଳେ ଲକ୍ଷ୍ମୀପ୍ରିୟାଙ୍କ ଶାଶୁ ଫେରାର୍ ହୋଇଯାଇଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଥାନାରେ ନଂ.୧୨୦/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ଦୁଇ ପୁଅ ବର୍ତ୍ତମାନ ମାମୁଘରେ ଅଛନ୍ତି।

■ ନବନିର୍ମାଣ କୃଷକ ସଂଗଠନର ଜିଲାସ୍ତରୀୟ ସାଂଗଠନିକ ବୈଠକ

# ୬ରେ ସର୍ବଭାରତୀୟ ସମ୍ମିଳନୀରେ ଯୋଗଦେବେ

ନୟାଗଡ଼ ଅଫିସ, ୬।୯



ବୈଠକରେ ଯୋଗ ଦେଇଥିବା ସଂଗଠନର ସଦସ୍ୟମାନେ ।

ନୟାଗଡ଼ ଜିଲା ନବନିର୍ମାଣ କୃଷକ ସଙ୍ଗଠନର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ସ୍ଥାନୀୟ ଗୁଣ୍ଡିଚା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ କାଳିଆ ଯୋଜନାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିସହ ଆସନ୍ତା ନଭେମ୍ବର ୬ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ନବନିର୍ମାଣ କୃଷକ ସଙ୍ଗଠନର ସର୍ବଭାରତୀୟ ସମ୍ମିଳନୀରେ ସମାଜସେବୀ ଆନ୍ନା ହଜାରେ ଯୋଗ ଦେବେ ବୋଲି ସେ ସୂଚନା ଦେଇଥିଲେ। ତେଣୁ ଏହି ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରତ୍ୟେକ ଗାଁର ଚାଷୀମାନେ ଯୋଗଦେବେ। ଏଥିପାଇଁ ଆଗାମୀ ଦିନରେ ପ୍ରତ୍ୟେକ ଗ୍ରାମରେ ସଭା କରାଯାଇ ଚାଷୀମାନଙ୍କୁ ସଚେତନ କରାଯିବ। ସେଥିପାଇଁ ଜିଲା ସଙ୍ଗଠନ ତରଫରୁ ୧୫ ଜଣିଆ ପ୍ରଚାର କମିଟି ଗଠନ କରାଯାଇଥିଲା। ନନ୍ଦ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇ କାଳିଆ ଯୋଜନାରେ ଲକ୍ଷ ଲକ୍ଷ ଚାଷୀଙ୍କୁ ଧୋକା ଦିଆଯାଇଥିବା ନେଇ ପ୍ରକାଶ କରିଥିଲେ। ୩ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ୩୦ ଲକ୍ଷ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କ ବାହାନାରେ ଯୋଗ୍ୟ ହିତାଧିକାରଙ୍କୁ କାଟିଦେଇ ସରକାର ପାତରଅନ୍ତର ନୀତି କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଅଗାମୀ ଦିନରେ ଯୋଗ୍ୟ ଚାଷୀଙ୍କୁ କାଳିଆ ଯୋଜନାରେ ଟଙ୍କା ନ ମିଳିଲେ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲା ସହସଂଯୋଜକ ରଣଜିତ୍ ଦଳବେହେରା, ମମତା ନାଥ ତୃଣମୂଳସ୍ତରରେ ସଙ୍ଗଠନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସଂଯୋଜକ ମହେଶ୍ୱର ଜେନା ନବନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ ଫଳରେ କୃଷି ବଜେଟ, କାଳିଆ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ସହାୟତା ରାଶି ପରିମାଣ ବୃଦ୍ଧି ପାଇଥିବା ନେଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଭାପୁର ବ୍ଲକ ସଂଯୋଜକ ଅଭୟ କୁମାର ଗୁମାନ ସିଂ, ରବୀନ୍ଦ୍ର ବରାଡ଼, ବାଇନାଥ ସାହୁ, ଭାଗବତ ପ୍ରଧାନ, ଅଜୟ କୁମାର ମହାନ୍ତି, କୁଳମଣି ହାତୀ, ନାଥ ପ୍ରଧାନ, ରମେଶ ପଣ୍ଡା, ରୀନାରାଣୀ ବେହେରାଙ୍କ ସମେତ ସଙ୍ଗଠନର ଏକାଧିକ ସଦସ୍ୟ ଯୋଗ ଦେଇଥିଲେ।

### ପ୍ରହ୍ଲାଦ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ

ଭାପୁର, ୬।୯(ଡି.ଏନ୍.ଏ.)- ଭାପୁର ବ୍ଲକ ପଦ୍ମାବତୀସ୍ଥିତ +୨ ପ୍ରହ୍ଲାଦ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାମନ୍ତରାୟଙ୍କ ଦ୍ୱାରା ଆୟୋଜିତ ବୈଠକରେ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶ୍ରେଣୀ ଗୃହ ଓ ଶୌଚାଳୟ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ପେଶାଲ ଫଣ୍ଡରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଆସିବା ପାଇଁ ସଭ୍ୟମାନେ ସଭାପତିଙ୍କୁ ଦାୟିତ୍ୱ ଦେଇଥିଲେ। ତିନିଜଣ ଅଣଶିକ୍ଷକଙ୍କ ଦରମା ବୃଦ୍ଧି କରିବା ପାଇଁ ସ୍ଥିର ହୋଇଥିଲା।

■ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅସହାୟଙ୍କ ପାଇଁ ମୂଲ୍ୟହୀନ

# ଦୁର୍ଦ୍ଦିନରେ କାଳ କାଟୁଛନ୍ତି ଶତାୟୁ ବିଦ୍ୟାଧର

ଖଣ୍ଡପଡା, ୬।୯(ସ୍ୱ.ପ୍ର.)



ବିଦ୍ୟାଧର।

ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହି ଯୋଜନା ଅସହାୟଙ୍କ ପାଇଁ ମୂଲ୍ୟହୀନ ହୋଇପଡିଛି। ଘରଦ୍ୱାର ଏପରି କି କୋଠାବାଡି ଥିବା ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉଥିବା ବେଳେ ଗୃହଶୂନ୍ୟ ଲୋକେ ଏଥିରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଏପରି ଜଣେ ଶତାୟୁ ବ୍ୟକ୍ତି ହେଉଛନ୍ତି ବିଦ୍ୟାଧର ବେହେରା। ଖଣ୍ଡପଡା ବ୍ଲକ କୋସକା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ବିଦ୍ୟାଧର ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ। ୧୦୬ ବର୍ଷ ବୟସ୍କ ବିଦ୍ୟାଧରଙ୍କ ପାଇଁ ରୋଗ ଦାଉ ସାଧୁଛି । ୯୦ବର୍ଷର ସ୍ତ୍ରୀ, ୭୦ବର୍ଷ ବୟସ୍କ ପୁଅ, ବୋହୂ ଓ ମାନସିକ ଅନଗ୍ରସର ନାତୁଣିଙ୍କୁ ନେଇ ତାଙ୍କ ପରିବାର। ବିଦ୍ୟାଧର ଗାଁ ପ୍ରଧାନଙ୍କ ଘରେ ୪୦ ବର୍ଷ ଓ ଗାଁ ମୁଖିଆଙ୍କ ଘରେ ୬ ବର୍ଷ ଏପରି ୪୬ ବର୍ଷ କାଳ ହଳିଆ ଭାବରେ ଜୀବିକା ନିର୍ବାହ କରି ପରିବାର ପ୍ରତିପୋଷଣ କରୁଥିଲେ। ଜୀବନସାରା କଠିନ ପରିଶ୍ରମ କରି ସଂସାର ଚଳାଇଥିବା ଏହି ବୃଦ୍ଧ ବ୍ୟକ୍ତି ଜଣକ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛନ୍ତି । ଆଣ୍ଠୁଗଣ୍ଠି ବାତରେ ପୀଡିତ ଥିଲେ ମଧ୍ୟ ଆର୍ଥିକ ଅନଟନ ଯୋଗୁ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ। ପ୍ରତିମାସରେ ସରକାରଙ୍କଠାରୁ ମିଳୁଥିବା ଭତ୍ତା ଟଙ୍କାରେ ୫ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡିଛି। ସ୍ଥାନୀୟ ଅଞ୍ଚଳର ଜଙ୍ଗଲ ଜମିରେ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଖଣ୍ଡେ ନିର୍ମାଣ କରିଥିଲେ ହେଁ ଅର୍ଥାଭାବ ଯୋଗୁ ତାହା ଏବେ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ପ୍ରଧାନମନ୍ତ୍ରୀ ଆବସ ନତୁବା ବିଜୁ ପକ୍କାଘର ଯୋଜନାରେ ବାସଗୃହ ଖଣ୍ଡେ ପାଇବା ପାଇଁ ସେ କୋସକା ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେହିହେଲେ ତାଙ୍କ ଦୁଃଖ ବୁଝିଲେ ନାହିଁ ବୋଲି କୋହଭରା କଣ୍ଠରେ କୁହନ୍ତି ବିଦ୍ୟାଧର। ଏହି ବୃଦ୍ଧ ବ୍ୟକ୍ତିଙ୍କ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇଦେବା ନିମନ୍ତେ ରାମଚନ୍ଦ୍ରପୁର ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ କୋସକା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ବିଦ୍ୟାଧରଙ୍କୁ ଏବେ ୧୦୬ ବର୍ଷ ହୋଇଥିବା ବେଳେ ତାଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ବ୍ୟବସ୍ଥା କରାଯାଇଛି । ତେବେ ଆସନ୍ତାକାଲି ସେ ବିଦ୍ୟାଧରଙ୍କ ପାଖକୁ ଯାଇ ତାଙ୍କ ଅଭାବ ଅସୁବିଧା ସମ୍ପର୍କରେ ବୁଝି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।